ORISSA RADIO HOUSE
52 YEARS
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83	Vol. : 45/ Issue : 147	Brahmapur	Friday 10 July 2026	ବର୍ଷ: ୪୫/ ଅଙ୍କ: ୧୪୭	ଶୁକ୍ରବାର ୧୦ ଜୁଲାଇ ୨୦୨୬	ବ୍ରହ୍ମପୁର	ପୃଷ୍ଠା:୮	ମୂଲ୍ୟ: ଟ.୫.୦୦

ନୀଳ ଅର୍ଥନୀତିରେ ନୂଆ ଅଧ୍ୟାୟ

ଓଡ଼ିଶାରୁ ଜାତୀୟ ମିଶନ ଶୁଭାରମ୍ଭ

ଭାରତୀୟ ସାମୁଦ୍ରିକ ଖାଦ୍ୟ ରପ୍ତାନି ନୂଆ ଉଚ୍ଚତା ଛୁଇଁବ : ଉପରାଷ୍ଟ୍ରପତି

ଭୁବନେଶ୍ୱର, ୯।୭: ଭାରତର ସାମୁଦ୍ରିକ ମତ୍ସ୍ୟକ୍ଷେତ୍ର ଓ ପ୍ରଗତିଶୀଳ 'ନୀଳ ଅର୍ଥବ୍ୟବସ୍ଥା'ଇତିହାସରେ ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ରାଜଧାନୀ ଭୁବନେଶ୍ୱର ସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ଭବ୍ୟ ଜାତୀୟସ୍ତରର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ମୁକ୍ତ ସାଗରରେ ଦୀର୍ଘସ୍ଥାୟୀ ମତ୍ସ୍ୟ ଉତ୍ପାଦନ ଲାଗି ଉଦ୍ଦିଷ୍ଟ 'ଗଭୀର ସମୁଦ୍ରରେ ଦୀର୍ଘସ୍ଥାୟୀ ମାଛ ଉତ୍ପାଦନ ଲାଗି ଅନୁମୋଦନ ପତ୍ର'ର ଜାତୀୟ ଶୁଭାରମ୍ଭ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ପ୍ରାୟ ୭୩, ୮୯୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି କରି ବିଶ୍ୱରେ ଅଗ୍ରଣୀ ସ୍ଥାନ ହାସଲ କରିପାରିଛି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ମାଛଧରା କାର୍ଯ୍ୟ ଉପକୂଳର ୪୦-୫୦ ନଟିକାଲ ମାଇଲ ମଧ୍ୟରେ ସୀମିତ ଥିବାବେଳେ ଗଭୀର ସମୁଦ୍ରର ଅନ୍ତର୍ଜାତୀୟ ଜଳସୀମାରେ ଟୁନା ଭଳି ଉଚ୍�চ-ମୂଲ୍ୟର ମାଛ ଧରିବା ପାଇଁ ଏହି ନୂତନ ନୀତି ବିରାଟ ସୁଯୋଗ ଆଣିଦେବ ଏବଂ ଖାଦ୍ୟ ସୁରକ୍ଷା ଓ ପୋଷଣ କ୍ଷେତ୍ରକୁ ସୁଦୃଢ଼ କରିବ। ଏହି ପବିତ୍ର ଅବସରରେ ଉପରାଷ୍ଟ୍ରପତି ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ସଫଳତା 'ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ଡକୁମେଣ୍ଟ (୨୦୨୬-୨୦୩୬)'କୁ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ଜାତୀୟ ସମବାୟ ରପ୍ତାନି ଲିମିଟେଡ୍ ସମେତ ବିଭିନ୍ନ ପ୍ରମୁଖ ମତ୍ସ୍ୟ ସମବାୟ ସମିତି ଏବଂ ମାଛଧରା ଜାହାଜର ମାଲିକମାନଙ୍କୁ ସ୍ୱତନ୍ତ୍ର ଅନୁମୋଦନ ପତ୍ର ବଣ୍ଟନ କରାଯାଇଛି, ଯାହା ଦ୍ୱାରା ଯୋଗ୍ୟ ଭାରତୀୟ ଜାହାଜଗୁଡ଼ିକୁ ଦେଶର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ବାହାରେ ଥିବା ଗଭୀର ଅନ୍ତର୍ଜାତୀୟ ସାମୁଦ୍ରିକ ଜଳସୀମାରେ ନିୟନ୍ତ୍ରିତ ଓ ଦାୟିତ୍ୱପୂର୍ଣ୍ଣ ଭାବେ ଉଚ୍ଚ-ମୂଲ୍ୟବାନ ମାଛ ଧରିବା ପାଇଁ ଅନୁମତି

ମିଳିପାରିବାସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ ଜଣାଇ ଅତି ଚମତ୍କାର ଭାବେ ଓଡ଼ିଆ ଭାଷାରେ ନିଜର ଅଭିଭାଷଣ ଆରମ୍ଭ କରିଥିଲେ।

ସେ ଓଡ଼ିଶାର ସାଂସ୍କୃତିକ ଓ ନୌବାଣିଜ୍ୟର ସ୍ୱର୍ଣ୍ଣିମ ଇତିହାସର ସ୍ମୃତି ଚାରଣ କରି କହିଥିଲେ, ଓଡ଼ିଶାର ଐତିହାସିକ ବାଲିଯାତ୍ରା ଏବଂ ବୋଇତ ବନ୍ଦାଣ ଉତ୍ସବ ଏହି ମାଟିର ବୀର ସାଧବ ପୁଅମାନଙ୍କ ସମୁଦ୍ର ଯାତ୍ରା ଓ ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ଜ୍ୱଳନ୍ତ ପ୍ରତୀକ। ଆଜିର ଏହି ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ସେହି ପୁରାତନ ଗୌରବକୁ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପୁନର୍ଜୀବିତ କରିବାକୁ ଯାଉଛି।ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ଭୂୟସୀ ପ୍ରଶଂସା କରି ଉପରାଷ୍ଟ୍ରପତି କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ଦେଶର ସାମୁଦ୍ରିକ କ୍ଷେତ୍ରରେ ଯେଉଁ ଯୁଗାନ୍ତକାରୀ ପରିବର୍ତ୍ତନ ଆସିଛି, ତାହା ଅଭୁତପୂର୍ବ। ଆମର ମତ୍ସ୍ୟଜୀବୀ ସମୁଦାୟ ନିଜର କଠିନ ପରିଶ୍ରମ ବଳରେ ଦେଶର ଅର୍ଥନୀତିକୁ ସୁଦୃଢ଼ ଓ ଶକ୍ତିଶାଳୀ କରୁଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, ସାମୁଦ୍ରିକ ଖାଦ୍ୟ ସମଗ୍ର ଦେଶ ଓ ବିଶ୍ୱକୁ ପ୍ରୋଟିନ୍ ଯୋଗାଇବାରେ ସବୁଠାରୁ ପ୍ରମୁଖ ଉତ୍ସ ସାଜିଛି। ଏହି ପରିପ୍ରେକ୍ଷୀରେ ଆଜିର ବୈଷୟିକ ଓ ବୈଜ୍ଞାନିକ ଅବଦାନ ଆମ ମତ୍ସ୍ୟଜୀବୀ ଭାଇଭଉଣୀମାନଙ୍କ ପାଇଁ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଓ ଲାଭଦାୟକ ସାବ୍ୟସ୍ତ ହେବାଉପରାଷ୍ଟ୍ରପତି କହିଛନ୍ତି ଯେ, ଭାରତୀୟ-ପତାକାଧାରୀ ମାଛଧରା ଜାହାଜ ଦ୍ୱାରା ଦୀର୍ଘସ୍ଥାୟୀ ଗଭୀର-ସମୁଦ୍ର ମାଛଧରା ପାଇଁ ମାର୍ଗଦର୍ଶିକା ୨୦୨୫ ଅଧୀନରେ ଅନୁମୋଦନ ପତ୍ର ହାସଲ କରିବା ଏକ ବାଧ୍ୟତାମୂଳକ ଆବଶ୍ୟକତା। ଏହି ଏଲଓଏ କେବଳ ନିର୍ଦ୍ଦିଷ୍ଟ ଜାହାଜକୁ ମିଳିବ ଏବଂ ଏହା ଅଣ-ହସ୍ତାନ୍ତରଯୋଗ୍ୟ ଅଟେ, ଯାହା ଗଭୀର ସମୁଦ୍ର ମାଛଧରା କ୍ଷେତ୍ରରେ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ଢାଞ୍ଚା ପ୍ରଦାନ କରିବାସେ କହିଥିଲେ ଯେ, ଏହା ରିଅଲକ୍ରାଫ୍ଟ ମାଛଧରା ଜାହାଜ ପଞ୍ଜିକରଣ ପୋର୍ଟାଲ୍ ସହିତ ସମନ୍ୱିତ ହୋଇଥିବାରୁ ବ୍ୟବସ୍ଥିତ, ତଥ୍ୟ- ପରିଚାଳିତ ଏବଂ ପ୍ରତ୍ୟକ୍ଷ ନିରୀକ୍ଷଣଯୋଗ୍ୟ କାର୍ଯ୍ୟ ସୁନିଶ୍ଚିତ ହୋଇଥାଏ। ଏହି ପ୍ରକ୍ରିୟା ଅନଲାଇନ୍ ଏବଂ ବାସ୍ତବ ସମୟରେ ଟ୍ରାକିଂ ହୋଇପାରୁଥିବାରୁ ଏହା ମତ୍ସ୍ୟଜୀବୀ ଓ ଜାହାଜ ପରିଚାଳକମାନଙ୍କ ପାଇଁ ନିୟମର ଅନୁପାଳନକୁ ସରଳ କରିବ। ଏହି ଜାହାଜଗୁଡ଼ିକ ଭାରତୀୟ ସାମୁଦ୍ରିକ ଖାଦ୍ୟ ରପ୍ତାନିକୁ ଏକ ନୂଆ ଉଚ୍ଚତାକୁ ନେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।ଏହି ଜାତୀୟ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଦେଶର ବିଭିନ୍ନ ଉପକୂଳବର୍ତ୍ତୀ ରାଜ୍ୟରୁ ଆସିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରାଧିକରଣ ପତ୍ର ପ୍ରଦାନ କରିଥିଲେ। ଏହି ଅନୁମୋଦନ ପତ୍ର ପାଇଥିବା ସଂସ୍ଥା ଓ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ଓଡ଼ିଶାର ପାରାଦୀପ ସମେତ ମହାରାଷ୍ଟ୍ର, କେରଳ, ତାମିଲନାଡୁ, ଗୋଆ, ଆନ୍ଧ୍ରପ୍ରଦେଶ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଦେଶର ଅନ୍ୟାନ୍ୟ ପ୍ରମୁଖ ଉପକୂଳ ଅଞ୍ଚଳରୁ ଆସିଥିବା ସାମୁଦ୍ରିକ ସମବାୟ ସମିତିର ପ୍ରତିନିଧିମାନେ ସାମିଲ ଥିଲେ। ଏହି ବଣ୍ଟନ ଭାରତର ସମଗ୍ର ସାମୁଦ୍ରିକ ସୀମାକୁ ସୁଦୃଢ଼ କରିବା ସହ ଅନ୍ତର୍ଜାତୀୟ ଜଳସୀମାରେ ଦେଶର ଜାହାଜଗୁଡ଼ିକର ସାର୍ବଭୌମତ୍ୱ ଏବଂ ନିୟନ୍ତ୍ରିତ ମାଛଧରାକୁ ସୁନିଶ୍ଚିତ କରିବ।

ବର୍ଷର ପ୍ରଥମ ବର୍ଷା ଜଳ ଛାଡିଲା ହୀରାକୁଦ ଜଳଭଣ୍ଡାର

ଖୋଲିଲା ୧୦ ଗେଟ୍

ସମ୍ବଲପୁର, ୯।୭: ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବଢ଼ିବାରେ ଲାଗିଛି। ଜଳଭଣ୍ଡାରରେ ଜଳସ୍ତର ବଢ଼ିବା କାରଣରୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ଅପରାହ୍ଣରେ ୬ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଇଛି। ଅର୍ଥାତ ଜଳଭଣ୍ଡାରରୁ ଏବେ ମୋଟ୍ ୧୦ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଇଛି।

ଚଳିତବର୍ଷର ପ୍ରଥମ ଜଳ ନିଷ୍କାସନ ଆଜି କରାଯାଉଛି। ଆଜି ପୂର୍ବାହ୍ଣ ୧୧ଟା ପରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ଗେଟ୍ ଖୋଲା ଯାଇଥିଲା। ପରମ୍ପରା ଅନୁସାରେ ପ୍ରଥମେ ହୀରାକୁଦ ପଟୁ ୭ ନମ୍ବର, ପରେ ଆବଶ୍ୟକତା ଅନୁସାରେ ଅନ୍ୟ ଗେଟ୍ ଖୋଲାଯାଇ ଥିଲା। ଅର୍ଥାତ ଆରମ୍ଭରୁ ୪ଟି ଗେଟ୍ (ବାମପାର୍ଶ୍ୱରୁ ୩ଟି ଏବଂ ଡାହାଣ ପାର୍ଶ୍ୱରୁ ଗୋଟିଏ) ଖୋଲାଯାଇଥିଲା। ଜଳସ୍ତର ବଢ଼ିବା କାରଣରୁ ଅପରାହ୍ଣରେ ପୁଣି ୬ଟି ଗେଟ୍ ଖୋଲି ଦିଆଯାଇଛି। ଆଜି ଅପରାହ୍ଣ ୩ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୯୩ ଫୁଟ ରହିଛି ୧,୭୪,୧୮୧ କ୍ୟୁସେକ ପାଣି ହୀରାକୁଦକୁ ପ୍ରବେଶ କରୁଛି। ୮୮,୩୭୨ କ୍ୟୁସେକ ପାଣି ନିଷ୍କାସିତ ହେଉଛି। ସ୍ଲିପୱେ ଦେଇ ୫୯,୩୧୪, ପାୱାର ଚ୍ୟାନଲ ଦେଇ ୨୫,୪୮୧, ଶିଳ୍ପକୁ ୨୪୭, କେନାଲରେ ୩,୩୩୦ କ୍ୟୁସେକ ପାଣି ପ୍ରବାହିତ ହେଉଛି।

ସାଧାରଣତଃ ହୀରାକୁଦରୁ ଛଡ଼ାଯାଉଥିବା ବନ୍ୟାଜଳ ଖଇରମାଳ ଏବଂ ବରମୁଳ ପହଞ୍ଚିବା ପାଇଁ ୧୨ରୁ ୧୬ ଘଣ୍ଟା ଲାଗିଯାଏ। ୩୬ରୁ ୪୮ ଘଣ୍ଟା ମଧ୍ୟରେ ଏହା ମୁଣ୍ଡଳିରେ ପହଞ୍ଚିଥାଏ। ଏଥିପାଇଁ ହୀରାକୁଦ ଗେଟ୍ ଖୋଲିବା ପୂର୍ବରୁ ସେଠାରେ ସତର୍କ ସୂଚନା ଜାରି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ହୀରାକୁଦ ଜଳଭଣ୍ଡାରର ଅଚଳ କ୍ଷମତା (ଡେଡ୍ ଷ୍ଟୋରେଜ) ଜଳସ୍ତର ୫୯୦ ଫୁଟ ହୋଇଥିବା ବେଳେ ସର୍ବୋଚ୍ଚ ଜଳଧାରଣ କ୍ଷମତା ହେଉଛି ୬୩୦ ଫୁଟ। ବନ୍ୟା ନିୟନ୍ତ୍ରଣ ତଥା ବନ୍ଧର ସୁରକ୍ଷାକୁ ଦୃଷ୍ଟିରେ ରଖି ଗେଟ ଖୋଲାଯାଇଥାଏ। ବନ୍ୟାଜଳ ନିଷ୍କାସନକୁ ଦୃଷ୍ଟିରେ ରଖି ତଳମୁଣ୍ଡରେ ମହାନଦୀ ତଥା ଏହାର ଶାଖା ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବ। ତେଣୁ, ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବା ପାଇଁ ମହାନଦୀ ଅବବାହିକାର ମୁଖ୍ୟଯନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଆୟ ବହିର୍ଭୂତ ସମ୍ପତ୍ତି: କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜର ଗିରଫ

କଟକ/କେନ୍ଦ୍ରାପଡ଼,୯।୭।: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ କେନ୍ଦ୍ରାପଡ଼ା ବନାଞ୍ଚଳର ଫରେଷ୍ଟ ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ତାଙ୍କୁ ଆଜି କଟକସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଅଦାଲତରେ ହାଜର କରାଯିବ। ଭିଜିଲାନ୍ସ ପକ୍ଷରୁ ରବୀନ୍ଦ୍ର କୁମାର ନାୟକଙ୍କ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ତାଙ୍କ ନିକଟରୁ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ସେଥିରେ ୨ଟି ଘର, ଯାହା ମଧ୍ୟରୁ ଗୋଟିଏ ୭,୦୩୮ ବର୍ଗଫୁଟ୍ ବିଶିଷ୍ଟ ଚାରି ମହଲା ବିଳାସପୂର୍ଣ୍ଣ ଭବନ, ୬ଟି ଦାମୀ ଫ୍ଲାଟ୍, ୨୮୩ ଗ୍ରାମ ସୁନା, ୨.୧୪ ଲକ୍ଷ ନଗଦ ଟଙ୍କା , ୭୬ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଏବଂ ଗୋଟିଏ ଚାରି ଚକିଆ ଗାଡ଼ି ସାମିଲ ରହିଛି। ଉକ୍ତ ସମ୍ପତ୍ତିର ଉତ୍ସ ସମ୍ପର୍କରେ ସେ ସନ୍ତୋଷଜନକ ସ୍ପଷ୍ଟୀକରଣ ଦେଇପାରି ନଥିବାରୁ କଟକ ଭିଜିଲାନ୍ସ ଥାନାରେ ମାମଲା ନଂ-୨୫/୨୦୨୬ ରୁଜୁ କରାଯାଇଛି। ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୨୦୧୮ ଅନୁଯାୟୀ ମାମଲା ଦାଖଲ ହୋଇଥିବାବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

ପେଟ୍ରୋଲ ଢାଳି ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

ବ୍ରହ୍ମପୁର, ୯।୭ : ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରରୁ ଏକ ଅତ୍ୟନ୍ତ ଦୁଃଖଦ ଓ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଲୋଚାପଡ଼ା ଅଞ୍ଚଳର ବାସୁଦେବନଗରରେ ଜଣେ ଯୁବତୀ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବ୍ରହ୍ମପୁରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ, ପରେ ଉନ୍ନତ ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରାଥମିକ ସୂଚନା ଅନୁଯାୟୀ, କୌଣସି ପାରିବାରିକ ସମସ୍ୟା କିମ୍ବା ମାନସିକ ଅବସାଦକୁ କେନ୍ଦ୍ର କରି ଯୁବତୀ ଏପରି ଚରମ ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି। ଘରେ ଥିବା ସମୟରେ ସେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ନିଆଁ ଲାଗିବା ପରେ ଘରୁ ଚିତ୍କାର ଶୁଣି ପରିବାର ଲୋକ ଓ ପଡ଼ୋଶୀମାନେ ଦୌଡ଼ି ଆସି ନିଆଁକୁ ଆୟତ୍ତ କରିବା ସହ ତୁରନ୍ତ ଯୁବତୀଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ। ଡାକ୍ତରଙ୍କ ସୂଚନା ଅନୁଯାୟୀ, ଯୁବତୀଙ୍କ ଶରୀରର ପ୍ରାୟ ୬୦ ପ୍ରତିଶତ ଅଂଶ ପୋଡ଼ିଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ବିଶେଷଜ୍ଞ ଚିକିତ୍ସା ପାଇଁ କଟକ ଏସ୍‌ସିବିକୁ ରେଫର୍ କରାଯାଇଛି। ଚିକିତ୍ସକମାନେ ତାଙ୍କୁ ନିରନ୍ତର ନଜରରେ ରଖି ଚିକିତ୍ସା କରୁଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ପରିସ୍ଥିତିର ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ କିଛି ସାମଗ୍ରୀ ଜବତ କରାଯାଇଥିବା ସୂଚନା ମିଳିଛି।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଖାତାକୁ ଫେରିଲା ୬୯୩ ଏକର ଜମି

ପୁରୀ, ୯।୭: ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ନାମରେ ଥିବା ଏବଂ ମାର୍ଫତଦାରଙ୍କ ନାମରେ ରେକର୍ଡ଼ଭୁକ୍ତ ଜମିର ରେକର୍ଡ ଅଫ୍ ରାଇଟ୍ସ ସଂଶୋଧନ କାର୍ଯ୍ୟରେ ଆଉ ଏକ ସଫଳତା ମିଳିଛି। ଏହିକ୍ରମରେ ସତ୍ୟବାଦୀ ତହସିଲରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ନାମରେ ଥିବା ରେକର୍ଡଭୁକ୍ତ ଜମିର ଅରିଜିନାଲ୍ ରେକର୍ଡ ଅଫ୍ ରାଇଟ୍ସ (ଆରଓଆର) ସଂଶୋଧନ କାର୍ଯ୍ୟ କରାଯାଇଛି। ସତ୍ୟବାଦୀ ତହସିଲରେ ମୋଟ ୩୮ ଟି ଖାତାର ରେକର୍ଡ ସଂଶୋଧନ କରାଯାଇଛି। ଯାହା ଫଳରେ ସତ୍ୟବାଦୀର ବିଭିନ୍ନ ମୌଜା ଅନ୍ତର୍ଗତ ମୋଟ ୬୯୩.୧୦୬ ଏକର ଜମିର ଖତିଆନ୍ ସଂଶୋଧନ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି ଭାବେ ଏହି ଜମି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର ହୋଇଛି। ସତ୍ୟବାଦୀ ତହସିଲଦାର ଏହି ସମ୍ପର୍କିତ ଏକ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ପୂର୍ବରୁ ୪୫୮.୮୯୬ ଏକର ଜମିର ରେକର୍ଡ ସଂଶୋଧନ କରାଯାଇଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଲ୍ୟାଣ୍ଡ ସେଲ୍ ଆରମ୍ଭ ହେବା ପରେ ନୂତନ ଭାବେ ଆଉ ୨୩୪.୨୧ ଏକର ଜମିର ରେକର୍ଡ ସଂଶୋଧନ ହୋଇଛି।ମହାପ୍ରଭୁଙ୍କ ଜମିଜମାର ସୁରକ୍ଷା, ସଠିକ୍ ରେକର୍ଡ ସଂରକ୍ଷଣ ଏବଂ ଆଇନଗତ ସୁରକ୍ଷା ପାଇଁ ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି । ନିକଟରେ ଖୋର୍ଦ୍ଧା ଜିଲ୍ଲାର ୪୭୦୦ ଏକରରୁ ଊର୍ଦ୍ଧ୍ୱ ଜମିର ରେକର୍ଡ ସଂଶୋଧନ ମହାପ୍ରଭୁଙ୍କ ନାମରେ କରାଯାଇଛି। ସେହିଭଳି ପିପିଲି ତହସିଲରେ ମଧ୍ୟ ୮୨ ଟି ଖାତାରେ ଥିବା ୭୭.୨୦ ଏକର ଜମିର ଖତିଆନ୍ ସଂଶୋଧନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂ-ସମ୍ପତ୍ତିର ସୁରକ୍ଷା ତଥା ରାଜସ୍ୱ ପ୍ରଶାସନରେ ସ୍ୱଚ୍ଛତା ବଜାୟ ରଖିବା ସହ ଭବିଷ୍ୟତରେ ଜମି ସମ୍ବନ୍ଧୀୟ ବିବାଦ ରୋକିବା ଦିଗରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଉଅଛି। ଆଗକୁ ମଧ୍ୟ ଏହି କାର୍ଯ୍ୟ ଜାରି ରହିବ ଏବଂ ରାଜ୍ୟ ସରକାର ଏହି ଦିଗରେ ତତ୍ପର ଅଛନ୍ତି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି।

୪ ବର୍ଷର ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ଡାବୁଗାଁ, ୯।୭ ଜଣେ ୧୨ ବର୍ଷର ନାବାଳକ ନିଜ ସମ୍ପର୍କୀୟ ୪ ବର୍ଷର ନାବାଳିକା ଝିଅକୁ ଦୁଷ୍କର୍ମ କରିଥିବାର ସଂଗୀନ ଅଭିଯୋଗ ଆସିଛି ନାବାଳିକା ଝିଅକୁ ପରିବାର ଲୋକେ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ନାବାଳିକାର ବାପା ଏନେଇ ଡାବୁଗାଁ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣା ନବରଙ୍ଗପୁରଜିଲ୍ଲା ଡାବୁଗାଁ ଥାନା ଅଞ୍ଚଳରେ ଘଟିଥିବାବେଳେ ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି।

TATA POWER SOLAROOF
TATA
ଆପଣଙ୍କ ଛାତକୁ ଆଜୀବନ ସଞ୍ଚୟରେ ପରିଣତ କରନ୍ତୁ
ଟାଟା ପାୱାର୍ ସୋଲାରୁଫ୍ ସହିତ
ସହଜ EMI ପ୍ଲାନ ସହିତ ସୋଲାର୍ ଆପଣାନ୍ତୁ ଏବଂ ମାସିକ ବିଦ୍ୟୁତ ବିଲ୍‌ରେ ସଞ୍ଚୟ କରନ୍ତୁ।
#ମୋଛାତମୋସଞ୍ଚୟ
ଏବେ କଲ୍

ଛତୁ ଚାଷ ମାଧ୍ୟମରେ ଗ୍ରାମୀଣ ମହିଳାଙ୍କ ଆର୍ଥିକ ସଶକ୍ତିକରଣ

ଢେଙ୍କାନାଳରେ ସଫଳ ଜୀବିକା ମଡେଲ୍

ଢେଙ୍କାନାଳ, ୯।୭ (ଆନିସ): ଢେଙ୍କାନାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଛତୁ ଚାଷକୁ ଏକ ସ୍ୱଳ୍ପ ବ୍ୟୟବହୁଳ ଓ ଅଧିକ ଲାଭଦାୟକ ଜୀବିକା ଭାବେ ପ୍ରୋତ୍ସାହିତ କରାଯାଇଛି। କମ୍ ଜମି ଆବଶ୍ୟକତା, ସ୍ୱଳ୍ପ ଉତ୍ପାଦନ ଅବଧି ଏବଂ ସ୍ଥାନୀୟ ଧାନ ନଡ଼ାର ବ୍ୟବହାର ଯୋଗୁଁ ଏହି ଚାଷ ଗ୍ରାମାଞ୍ଚଳ ପାଇଁ ଏକ ଉପଯୁକ୍ତ ବିକଳ୍ପ ଭାବେ ପରିଗଣିତ ହୋଇଛି। ପରଜଙ୍ଗ, କାମାକ୍ଷାନଗର ଓ ଗଁଦିଆ ବ୍ଲକର ଅନୁକୂଳ କୃଷି-ଜଳବାୟୁ ପରିସ୍ଥିତି ଛତୁ ଚାଷ ପାଇଁ ବିପୁଳ ସମ୍ଭାବନା ସୃଷ୍ଟି କରିଛି। ତେବେ ସଚେତନତାର ଅଭାବ, ବୈଷୟିକ ଜ୍ଞାନ, ଉନ୍ନତ ମାନର ସ୍ପନ୍ ଓ ବଜାର ସଂଯୋଗର ଅଭାବ ଏହାର ବିସ୍ତାରରେ ବାଧକ ଥିଲା। ଏହାକୁ ଦୂର କରିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରଶିକ୍ଷଣ, ପ୍ରଦର୍ଶନୀ, ବୈଷୟିକ ସହାୟତା, ଉନ୍ନତମାନର ସାମଗ୍ରୀ ଯୋଗାଣ ଏବଂ ବଜାର ସଂଯୋଗ ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି।ଉଦ୍ୟାନ କୃଷି ବିଭାଗ ଓ ଓଡ଼ିଶା ଜୀବିକା ମିଶନର ମିଳିତ ପ୍ରୟାସରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଛତୁ ଚାଷ ପ୍ରତି ଆକୃଷ୍ଟ କରାଯାଇଛି। ପକ୍ଷରୁ ସଚେତନତା ସୃଷ୍ଟି, ସମୁଦାୟ ସହାୟକ କର୍ମୀ ଓ କୃଷିମିତ୍ରଙ୍କ ମାଧ୍ୟମରେ ନିରନ୍ତର ସହଯୋଗ ପ୍ରଦାନ କରାଯାଇଥିବାବେଳେ, ଉଦ୍ୟାନ କୃଷି ବିଭାଗ ବୈଜ୍ଞାନିକ ପଦ୍ଧତିରେ ଛତୁ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ଯୋଗାଇଛି। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡ, ରିଭଲଭିଂ ଫଣ୍ଡ , ଭଲନେରାବିଲିଟି ରିଡକ୍ସନ୍ ଫଣ୍ଡ ସହ ବ୍ୟାଙ୍କ ଋଣ ସଂଯୋଗ ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହା ଫଳରେ ଛତୁ ସ୍ପନ୍, ର୍ଯାକ୍ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ କ୍ରୟ କରି ମହିଳାମାନେ ସଫଳ ଉଦ୍ୟୋଗୀ ଭାବେ ଗଢ଼ିଉଠୁଛନ୍ତି।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଧାନ ନଡ଼ା ଛତୁ ଚାଷରେ ନିୟୋଜିତ ପରିବାର ସଂଖ୍ୟା ୩୦ରୁ ବୃଦ୍ଧି ପାଇ ୮୮୦ରେ ପହଞ୍ଚିଥିବାବେଳେ, ୪ଟି ପ୍ରଡ୍ୟୁସର ଗ୍ରୁପ୍ ଓ ୧୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ବାର୍ଷିକ ଛତୁ ଉତ୍ପାଦନ ୧୨ କ୍ୱିଣ୍ଟାଲରୁ ବୃଦ୍ଧି ପାଇ ୩୩୦ କ୍ୱିଣ୍ଟାଲରେ ପହଞ୍ଚିଛି। ବୃହତ୍ ଚାଷୀମାନେ ୧୫୦୦ରୁ ୩୦୦୦ ବେଡ୍ ବିଶିଷ୍ଟ ଚାଷ ପ୍ରଣାଳୀ ଅବଲମ୍ବନ କରି ବାର୍ଷିକ ପ୍ରାୟ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଆୟ କରୁଥିବାବେଳେ, କ୍ଷୁଦ୍ର ଚାଷୀମାନେ ୩୦ରୁ ୫୦ ବେଡ୍ ଚାଷ ମାଧ୍ୟମରେ ବାର୍ଷିକ ପ୍ରାୟ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଆୟ କରୁଛନ୍ତି।ଭବିଷ୍ୟତରେ ଛତୁ ଆଚାର, ସୁପ୍ ପାଉଡର, ଶୁଖିଲା ଛତୁ, ପାପଡ଼, ବିସ୍କୁଟ୍, ସ୍ନାକ୍ସ ଓ ରେଡି-ଟୁ-କୁକ୍ ଉତ୍ପାଦ ଭଳି ମୂଲ୍ୟଯୁକ୍ତ ଉତ୍ପାଦ ବିକାଶ କରିବା ସହ କୋଲ୍ଡ ଷ୍ଟୋରେଜ୍ ସୁବିଧା ସୃଷ୍ଟି କରି ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ଏବଂ ଛତୁର ସଂରକ୍ଷଣ ସମୟ ବୃଦ୍ଧି କରିବାର ଯୋଜନା ରହିଛି।ଛତୁ ଚାଷକୁ ଆଧାର କରି ଢେଙ୍କାନାଳ ଜିଲ୍ଲାରେ ଏକ ସ୍ଥାୟୀ ଓ ଲାଭଜନକ ଜୀବିକା ମଡେଲ୍ ଗଢ଼ିଉଠିଛି। ଏହି ପଦକ୍ଷେପ ଗ୍ରାମୀଣ ମହିଳାଙ୍କ ଆର୍ଥିକ ସଶକ୍ତିକରଣ, ପରିବାରର ଆୟ ବୃଦ୍ଧି ଏବଂ ସମାବେଶୀ ଗ୍ରାମୀଣ ବିକାଶରେ ଏକ ସଫଳ ଦୃଷ୍ଟାନ୍ତ ସୃଷ୍ଟି କରିଛି

ରାଇରଙ୍ଗପୁରରେ ପ୍ରଶାସନ ତରଫରୁ ଜବରଦଖଲ ଉଚ୍ଛେଦ

ରାଇରଙ୍ଗପୁର, ୯।୭ (ଆନିସ): ମୟୂରଭଂଜ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ରାଇରଙ୍ଗପୁର ସହରର ଜନସଂଖ୍ୟା ହୁ ହୁ ବୃଦ୍ଧି ପାଉଛି ।ସରକାର ମଧ୍ୟ ଆଇନଶୃଙ୍ଖଳା,ଟ୍ରାଫିକ,ଅପରାଧ ନିୟନ୍ତ୍ରଣ ପାଇଁ ରାଇରଙ୍ଗପୁର ପୋଲିସ ଜିଲ୍ଲା ଘୋଷଣା କରିଛନ୍ତି । ଜନସଂଖ୍ୟା ବୃଦ୍ଧି ସହ ରୋଟିରୋଜି ଏବଂ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ରାସ୍ତାକଡ ପାର୍ଶ୍ୱରେ ଛୋଟ ଛୋଟ ଦୋକାନ କରି ଚଳୁଛନ୍ତି । ରାଇରଙ୍ଗପୁର ସହରରେ ବାଇପାସ୍ ନ ଥିବାରୁ ସହରର ପେଟ ଦେଇ ଜାତୀୟ ରାଜପଥ ୨୨୦ ନମ୍ବର ଯାଇଛି ।ତଦସହ ଦୁଇଟି ଲୌହଖଣି ଚାଲୁ ସହିତ କେନ୍ଦୁଝର,ଯୋଡ଼ା, ବଡ଼ବିଲ,କୋଇଡା ଲୌହଖଣି ଅଞ୍ଚଳରୁ ଶହ ଶହ ଲୌହ ପଥର ବୋଝେଇ ପରିବହନ ଟ୍ରକଏହି ମୁଖ୍ୟ ରାସ୍ତା ଦେଇ ବାହାର ରାଜ୍ୟକୁ ଯାଉଛି ।ବିକଳ୍ପ ରାସ୍ତା ନାହିଁ । ତଦସହ ଦୈନିକ ଶହ ବସ୍ ଟ୍ରକ୍,ଭାରିଯାନ,ଲଘୁଯାନ,ପରିବହନ ଗାଡ଼ି ଯାଉଥିବାରୁ ଟ୍ରାଫିକ ସମସ୍ୟା ନେଇ ଦୈନିକ କିଛିନା କିଛି ଛୋଟବଡ ଦୁର୍ଘଟଣା ମୃତାହତ ଘଟୁଛି । ବହୁ ଧନ ଜୀବନ ନଷ୍ଟ ହେଉଛି ।ଆଗକୁ ରାଇରଙ୍ଗପୁର ପ୍ରସିଦ୍ଧ ରଥଯାତ୍ରା ଅଛି ।ତେଣୁ ଟ୍ରାଫିକ ସମସ୍ୟା ଗୁରୁତର ଏବଂ ଜବରଦଖଲକାରୀଙ୍କୁ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ତରଫରୁ ଉଠା ଦୋକାନୀଙ୍କୁ ଉଚ୍ଛେଦ ପାଇଁ ପୂର୍ବରୁ ହୁଥର ନୋଟିସ ଜାରି କରାଯାଇଥିଲା ।ଆଜି ପ୍ରଶାସନ ତରଫରୁ ମାଜିଷ୍ଟ୍ରେଟ ଡିଉଟିରେ ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ , ଏସଡିପିଓ ବୀରେନ୍ଦ୍ର ସେନାପତି,ହଳଦା ତହସିଲଦାର ଶିବ ନାରାୟଣ ମୁର୍ମୁ,ରାଇରଙ୍ଗପୁର ତହସିଲଦାର ଭବାନୀ ପ୍ରସାଦ ସାହୁ, ରାଇରଙ୍ଗପୁର ଟାଉନଥାନାଧିକାରୀ ରଞ୍ଜନ ସେଠି,ସୁପରଭାଇଜର ନିହାର କୁମାର ପାତ୍ର ,ଆରଆଇ ରଞ୍ଜନ ମହାନ୍ତ, ଆରଆଇ ସୁନାରାମ ମାଝୀ ସମେତ ୨ ପ୍ଲାଟୁନ ପୋଲିସ ଉପସ୍ଥିତ ରହି ଜବରଦଖଲ ରେ ଥିବା ୬୭ ଟି ଦୋକାନିକୁ ବୁଝାସୁଝା କରି

ହଟାଇବା ୟତ୍ନ କରିଥିଲେ ।ଅଧିକାଂଶ ଦୋକାନିମାନେ ସ୍ୱତଃସ୍ଫୁର୍ତ୍ତ ଭାବରେ ନିଜ ନିଜ ଦୋକାନର ଆସବାବପତ୍ର ଉଠାଇଥିଲେ ।କିଛି ସ୍ଥାନରେ ଯେସିବି ଦ୍ୱାରା ଭଙ୍ଗାରୁଜା କରାଯାଇଥିଲା । ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖ, ରାଇରଙ୍ଗପୁର ଉଚ୍ଚ ବାଳକ ବିଦ୍ୟାଳୟ ଓ ବାଳିକା ବିଦ୍ୟାଳୟ ,ରାଇରଙ୍ଗପୁର ମୁଖ୍ୟ ଡାକଘର ସମ୍ମୁଖ,କୁଚେଇବୁଡି ହନୁମାନ ମନ୍ଦିର ଛକ ନିକଟରେ ଥିବା ୬୭ ଟି ଉଠା ଦୋକାନିକୁ ହଟା ଯାଇଥିଲା ।ଓଡ଼ିଶା ଏକ କୃଷି ପ୍ରବଣ ରାଜ୍ୟ ।ଆଷାଢ଼ ଓ ଶ୍ରାବଣ ମାସ ଗରିବୀ ଓଡ଼ିଆଙ୍କର ସବୁଠି ଦୁଃଖର ମାସ ।ଏହି ବର୍ଷା ଋତୁରେ ପ୍ରଶାସନ ଜବରଦଖଲକାରୀଙ୍କୁ ଉପରେ ବୁଲ ଡୋଜର ଚଢ଼ାଉର କେତେ ଯୁକ୍ତିଯୁକ୍ତ ।ଦୋକାନ ଭଙ୍ଗା ଯାଉଥିବାରୁ ଭାଙ୍ଗି ପଡିଛନ୍ତି ୬୭ ଟି ଦୋକାନିଙ୍କ ଉପରେ ନିର୍ଭର କରୁଥିବା ତାଙ୍କ ପରିବାରର ୭୦୦ ଲୋକ ଘରେ ଗୁମୁରି ଗୁମୁରି କାନ୍ଦୁଛନ୍ତି । ।ବର୍ଷା ଋତୁରେ କେଉଁଠି ଦୋକାନ ଖୋଲିବେ ଏବଂ ଆଗକୁ ପରିବାର ଚଳାଇବେ କେମିତି ।ପରିବାରର ସଉଦା,ଛୁଆଙ୍କ ସ୍କୁଲ ଖର୍ଚ୍ଚ,ଘରର ବୁଢୁଢି ଙ୍କ ଔଷଧ ଖର୍ଚ୍ଚ,ଦୈନିକ ଖାଦ୍ୟ ବ୍ୟବସ୍ଥା,ବିଦ୍ୟୁତ ବିଲ୍,ପାଣି ବିଲ ହୋଲଡିଂ ଟେକ୍ସ ଭଳି ଯାବତୀୟ ଖର୍ଚ୍ଚ କିଭଳି ସମ୍ଭାଳିବେ ଚିନ୍ତାରେ ପଡ଼ିଛନ୍ତି ।ଘରେ ଚାଲିଛି କାନ୍ଦଗୋଳି ।ଦିର୍ଘ ଦଶନ୍ଧି ଦଶନ୍ଧି ଧରି ରାସ୍ତାକଡ଼ରେ ଦୋକାନ କରି ପରିବାର ଚଳାଉଥିବା ବେଳେ ଏବେ ପରିଣତ ବୟସରେ ଯିବେ କୁଆଡେ ଉଠା ଦୋକାନି ମାନେ ଆଶା କରିଥିଲେ ଆଗାମି ରଥଯାତ୍ରାରେ ବ୍ୟବସାୟ କରି ଦୁଇ ପଇସା କମାଇବେ । ସବୁ ସ୍ୱପ୍ନ ଛାରଖାର ହୋଇଗଲା । ।କିନ୍ତୁ ପ୍ରଶାସନ ଛଡାଇନେଲା ତାଙ୍କ ରୋଟିରୋଜି ।ଥଇଥାନ ନ କରି ଦୋକାନ ଉଚ୍ଛେଦ କେତେ ଯୁକ୍ତିଯୁକ୍ତ ।ମାନବିକ ଅଧିକାର ହନନ କରାଯାଉଛି !

ଅଭନି ଫିସାରୀ ଏଣ୍ଡ ଆକୁଆଟିକ ଦ୍ୱାରା ମତ୍ସ୍ୟ ଚାଷୀ କୃଷି ସମ୍ମିଳନୀ

୩ ଶ୍ରେଷ୍ଠ ମତ୍ସ୍ୟ ଚାଷୀଙ୍କୁ ସମ୍ମାନିତ

ସାରସକଣା,(୯/୭): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡି ଗ୍ରାମ ସ୍ଥିତ ଅଭନି ଫିସାରୀ ଏଣ୍ଡ ଆକୁଆଟିକ ଦ୍ୱାରା ମତ୍ସ୍ୟ ଚାଷୀ କୃଷି ସମ୍ମିଳନୀ - ୨୦୨୬ ଅନୁଷ୍ଠିତ ହୋଇଯାଇଅଛି। ଇଂ ଅଶ୍ୱନୀ

କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଉକ୍ତ ସମ୍ମିଳନୀରେ ଆଖ ପାଖ ଅଞ୍ଚଳର ସମସ୍ତ ମତ୍ସ୍ୟ ଚାଷୀ, ମହିଳା ସୟଂ ସହାୟକ ଗୋଷ୍ଠିଙ୍କୁ ନେଇ ଏକ ସତନ୍ତ୍ର ମତ୍ସ୍ୟ ଚାଷ ବିଷୟରେ ଆଲୋଚନା ଚକ୍ର ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରୁ ଆସିଥିବା ଶ୍ରେଷ୍ଠ ଚାଷୀ ଭାବେ ବାଙ୍ଗିରିପୋଷି ବ୍ଲକ ମା ଅମ୍ବିକା ସୟଂ ସହାୟକ ଗୋଷ୍ଠି,କୁଳିଅଣା ବ୍ଲକର ଶ୍ରେଷ୍ଠ ଚାଷୀ ରବୀନ କୁମାର ଦଣ୍ଡପାଟ,ସାରସକଣା ବ୍ଲକର ଶ୍ରେଷ୍ଠ ବାୟଫ୍ଲୋକ ଚାଷୀ ଶ୍ରୀରାମ ମାଝୀ ପ୍ରମୁଖ ଚାଷୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଶ୍ରୀମତୀ ବନାନି ମହାନ୍ତ(ସହକାରୀ ମତ୍ସ୍ୟ ଅଧିକାରୀ,ବାଙ୍ଗିରିପୋଷି) ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ଶ୍ରୀଯୁକ୍ତ କୀର୍ତ୍ତିମାନ ଗାଗରାଇ (କୃଷି ଅଧିକାରୀ, ସାରସକଣା),ସମ୍ମାନନୀୟ ଅତିଥି ଭାବେ ଶ୍ରୀମତୀ ଦିବ୍ୟା ଭାରତୀ ମଲ୍ଲିକ,ଶ୍ରୀଯୁକ୍ତ ସତ୍ୟରଞ୍ଜନ ପତି(ଜାଫା ମାଛ ଖାଦ୍ୟ ପ୍ରଭାରୀ ଓଡ଼ିଶା),ରଶ୍ମିତା ବେହେରା,ଶ୍ରୀଯୁକ୍ତ ରାଜ ଗୋପାଲ ଏବଂ ଶ୍ରୀ ଯୁକ୍ତ ଶୈବଲ୍ୟ ଚାଟାର୍ଜୀ ଯୋଗ ଦେଇଥିଲେ। ତେବେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଅବନୀ ଫିସାରୀ ଏଣ୍ଡ ଆକୁଆଟିକ ଦ୍ୱାରା ଏଭଳି ମତ୍ସ୍ୟ ଚାଷୀ କୃଷି ସମ୍ମିଳନୀ ଅନୁଷ୍ଠିତ ହେବାକୁ ନେଇ ଅଞ୍ଚଳ ତଥା ଚାଷୀ ମାନଙ୍କ ମଧ୍ୟରେ ଭୂୟସୀ ପ୍ରଶଂସା କରାଯାଇଛି।

ରନ୍‌ଗର୍ଭା ଶିମିଳିପାଳ ସୁରକ୍ଷା ନେଇ ଭଞ୍ଜସେନାର ମଶାଲ ଶୋଭାଯାତ୍ରା

ଦାଦନ ହଟିବ ମୟୂରଭଞ୍ଜ ହସିବ

ରାଇରଙ୍ଗପୁର, ୯।୭ (ଆନିସ): ରାଇରଙ୍ଗପୁର ସହରରେ ଭଞ୍ଜସେନା ତରଫରୁ ଶିମିଳିପାଳ ସୁରକ୍ଷା ନେଇ ଏକ ପଦଯାତ୍ରା ଶୁଭାରମ୍ଭ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର ରନ୍‌ଗର୍ଭା ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜ ବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟା ର ଦୂରୀକରଣ କରାଯିବା ଲକ୍ଷ୍ୟ ନେଇ ଜିଲ୍ଲା ବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଇବା ନିମନ୍ତେ ଦାଦନ ହଟିବ ମୟୂରଭଞ୍ଜ ହସିବ ସ୍ଲୋଗାନ ନେଇ ଚଳିତ ମାସ ଜୁନ୍ ୧୭ ତାରିଖରୁ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ତମାମ୍(ସମସ୍ତ ବ୍ଲକ୍/ମ୍ୟୁନିସିପାଲ୍ଟି/ ଏନଏସି)ପର୍ଯ୍ୟାୟକ୍ରମେ ଜିଲ୍ଲାର ଏକ ମାତ୍ର ଅଗ୍ରଣୀ ତଥା ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ପ୍ରତିଷ୍ଠାତା ଶ୍ରୀଯୁକ୍ତ କଳିଙ୍ଗ କେଶରୀ ଜେନା ଙ୍କ ଆହ୍ୱାନ୍ କ୍ରମେ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଖିଚିଂ ସ୍ଥିତ ମା କିଚକେଶ୍ୱରୀ ଦେବୀ ଙ୍କର ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ସାରିଥିବା ସ୍ଥଳେ , ଆଜି ଜୁଲାଇ ମାସ ୦୮ ତାରିଖ ବୁଧବାର ରାଇରଙ୍ଗପୁର ମ୍ୟୁନିସିପାଲ୍ଟି ବଜାର ଠାରେ ଭଞ୍ଜସେନାର ବାମନଘାଟି ସଭାପତି ସୁନ୍ଦର ମୋହନ ଟୁଡୁ ଙ୍କର ନେତୃତ୍ୱ ରେ ରାଇରଙ୍ଗପୁର ଜଗନ୍ନାଥ ମାର୍କେଟରୁ ମୁର୍ମୁ ଛକ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ଉକ୍ତ ମଶାଲ

ଶୋଭାଯାତ୍ରାରେ ଜିଲ୍ଲା କର୍ଯ୍ୟକାରୀ ସଭାପତି ଇଂ ରମଜାନ୍ ବେଗ,ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ,ଗୋବିନ୍ଦ ମୁର୍ମୁ , ଶ୍ରୀରାମ ମୁର୍ମୁ, ସାର୍ଖୁ ମୁର୍ମୁ,କୁଆଁର ମୁର୍ମୁ, ସିପଲ୍ ହାସଦା,ରାମ ମୁର୍ମୁ, ସାଇବା ହାସଦା, ଡୁମୁକା ମୂର୍ମୁ, ସାଉଁନା ବାସ୍କେ, ବୁଧୁରାମ ହେମ୍ବ୍ରମ, ସାଗୁନ ବାସ୍କେ, ନାରାୟଣ ସୋରେନ, ମଧୁ ସୁଦନ ହେମ୍ବ୍ରମ,ଚନ୍ଦନ ବସ୍କେ, ରାଜା ହାସଦା, ସଞ୍ଜୟ ମାଝୀ, ଗୋବିନ୍ଦ ସୋରେନ ପ୍ରମୁଖଙ୍କ ସହିତ ସଂଗଠନର ଶତାଧିକ ଯୁବ ଛାତ୍ର ସଂଗଠକ ସାମିଲ ହୋଇଥିଲେ ।

ବୃକ୍ଷ ହିଁ ଜୀବନ

ରାଇରଙ୍ଗପୁର ବନବିଭାଗ ତରଫରୁ ଖନ୍ତବିଟ୍‌ରେ ଚାରା ରୋପଣ

ରାଇରଙ୍ଗପୁର,(୯/୦୭): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ବନବିଭାଗ ଅନ୍ତର୍ଗତ ରାଇରଙ୍ଗପୁର ବନାଞ୍ଚଳର ବଡାମତଳିଆ ସେକ୍ସନର ଖନ୍ତ ବିଟ୍ ଆନୁକୁଲ୍ୟରେ ବିଜାତଳା ବ୍ଲକର ହାତୀବାରି ଜଙ୍ଗଲରେ ୫୦୦ ଶହରୁ ଅଧିକ ବୃକ୍ଷରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ସୁବ୍ରତ ପାତ୍ରଙ୍କ ନେତୃତ୍ୱରେ ଶୁଭାରମ୍ଭ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର କୋର୍ଟର ଏଡିଜେ ଡଃ ଭି ସୁଜାତା, ଜେଏମ୍‌ଏଫ୍ ସି ଚେତନା ପଟ୍ଟନାୟକ, କୋର୍ଟ କର୍ମଚାରୀ,ଯାମିନୀ କାନ୍ତ ମହାନ୍ତ, ପ୍ରିୟବ୍ରତ ପାତ୍ର, ଲକ୍ଷ୍ମଣ ମାରାଣ୍ଡି, ରାଇରଙ୍ଗପୁର ବନାଞ୍ଚଳ ଅଧିକାରୀ ଜ୍ୟୋତିରଞ୍ଜନ ସେନାପତି ବଡାମତଳିଆ ସେକ୍ସନର ମେନକା ନାଏକ, ମନୋରଞ୍ଜନ ମହାନ୍ତ, ସସ୍ମିତା ଘୋଷ, ଶ୍ରାନ୍ତୀ ମାରାଣ୍ଡୀ, ସୁଭଦ୍ରା ପାତ୍ର, ନିର୍ମଳ ବେହେରା, ଦୁଷ୍ମନ୍ତ ଦାସ ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବୃକ୍ଷ ହିଁ ଜୀବନ । ମାନବ ସମାଜ ଓ ଜୀବଜନ୍ତୁଙ୍କ ପାଇଁ ଭଗବାନ ଜଙ୍ଗଲ ସୃଷ୍ଟି କରିଛନ୍ତି । ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ବନବିଭାଗ ର ବିଭିନ୍ନ ବିଟ୍ ଓ ବିଜାତଳା ବିଟ୍ ର ବନପାଳ , ଜଙ୍ଗଲ ସାଥି ,ସମାଜସେବୀ ମାନେ ଉପସ୍ଥିତ ଥିଲେ।

କଟକ ଜିଲ୍ଲାରେ ନୂତନ ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଯୋଗଦାନ

କଟକ, ୯।୭ (ଆନିସ):ଶ୍ରୀ ସୁଗୁଡା ମୁର୍ମୁ,କଟକ ଜିଲାର ମୁଖ୍ୟ ଯୋଗାଣ ଅଧିକାରୀ ଭାବେ ଆଜି କାର୍ଯ୍ୟରେ ଯୋଗ ଦେଉଛନ୍ତି।ଏହି ଅବସରରେ କଟକ କଲେକ୍ଟରେଟ ଷ୍ଟାଫ କମିଟିର ସଭାପତି ଶ୍ରୀ ନରେଶ ଚନ୍ଦ୍ର ମହାପାତ୍ର, ଉପ-ସଭାପତି ଅଜୟ କୁମାର ମୁଦୁଲି, ସାଧାରଣ ସମ୍ପାଦକ ସୁବ୍ରତ କୁମାର ସାହୁ, ସମ୍ପାଦକ(ସଂଗଠନ) ସଞ୍ଜୟ କୁମାର ସାହୁ ଏବଂ କଟକ ଜିଲ୍ଲା ରାଜସ୍ୱ ଅମଲା ସଂଘ ସଭାପତି ଶ୍ରୀ ସୁଧାଂଶୁ ଭୂଷଣ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ପାଣି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ. ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଷ୍ଟାଫ କମିଟିର କର୍ମକର୍ତ୍ତା, ସମସ୍ତ କର୍ମଚାରୀଙ୍କ ସହ ସମନ୍ୱୟ ରକ୍ଷା କରି ଜନ-ସାଧାରଣଙ୍କ ପାଇଁ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ. ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଯୋଗାଣ ଅଧିକାରୀ କେ. ଚନ୍ଦ୍ର ଶେଖର ରାଓ, ଅତିରିକ୍ତ ଯୋଗାଣ ଅଧିକାରୀ ଦୀପକ ବେହେରା, ମଧୁସ୍ମିତା ମହାପାତ୍ର, ସହାୟକ ଯୋଗାଣ ଅଧିକାରୀ ରାଜଲକ୍ଷ୍ମୀ ପାତ୍ର, ବିଷ୍ଣୁ ପରିଡାଙ୍କ ସହ ମହାନଗର ନିଗମ ନିରୀକ୍ଷକ,ଶ୍ରୀ ଦେବୀ ପ୍ରସାଦ ଦାସ, ଇତିଶ୍ରୀ ଜେନା, ସହାୟକ ନିବନ୍ଧକ ଯୋଗାଣ ନିଗମ,ରୋଜାଲିନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ

ଯୁକ୍ତ ୨ ନାମଲେଖା ଫି ଛାଡ଼କୁ ନେଇ ଦ୍ୱନ୍ଦ୍ୱ

ସରକାରଙ୍କ ସ୍ପଷ୍ଟୀକରଣକୁ ଅପେକ୍ଷା, ଚିନ୍ତାରେ ଅଭିଭାବକ ଓ ଛାତ୍ରଛାତ୍ରୀ

ଯାଜପୁର ୯।୭(ଆନିସ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଅଧୀନରେ ପରିଚାଳିତ ଯୁକ୍ତ ୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ରାତି ପାହିଲେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବା ମାତ୍ର ରାଜ୍ୟ ସରକାର ଘୋଷଣା କରିଥିବା ନାମଲେଖା ଫି ଛାଡ଼କୁ ନେଇ ଏପର୍ଯ୍ୟନ୍ତ ସ୍ପଷ୍ଟତା ଆସିନଥିବାରୁ ଅଭିଭାବକ, ଛାତ୍ରଛାତ୍ରୀ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦ୍ୱନ୍ଦ୍ୱ

ବୁଲା କୁକୁର କାମୁଡା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରତ୍ୟେକ ବ୍ଲକରେ ବନ୍ଧ୍ୟାକରଣ ଜରୁରୀ

ବ୍ରହ୍ମପୁର,୯।୭ (ଆନିସ): ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ଶିଶୁ, ବୃଦ୍ଧ ଓ ମହିଳାମାନେ ବୁଲା କୁକୁର କାମୁଡାରେ ଆକ୍ରାନ୍ତ ହେଉଥିବା ନେଇ ଉଦବେଗ ପ୍ରକାଶ ପାଇଥିବା ଖବର ମିଳୁଛି। ଏପରି ସମୟରେ ଗଞ୍ଜାମ ଜିଲ୍ଲାର ମହାନାଳ ଗ୍ରାମରେ ପୁଣି ଜଣେ ଛଅ ବର୍ଷର ଶିଶୁ ବୁଲା କୁକୁରଙ୍କ ଆକ୍ରମଣରେ ଆହତ ହେବା ଘଟଣା ସମଗ୍ର ସମାଜ ପାଇଁ ଚିନ୍ତାର ବିଷୟ ପାଲଟିଛି। କିଛି ଦିନ ପୂର୍ବରୁ ସେହି ଗ୍ରାମର ଅନ୍ୟ ଜଣେ ଶିଶୁ ଏଭଳି ଆକ୍ରମଣର ଶିକାର ହୋଇଥିଲେ। ଏହା କେବଳ ଗୋଟିଏ ଗ୍ରାମର ସମସ୍ୟା ନୁହେଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଏନ୍?.ଏ.ସି ଅଞ୍ଚଳରୁ ମଧ୍ୟ ଏପରି ଘଟଣା ବାରମ୍ବାର ସାମ୍ନାକୁ ଆସୁଛି। ଏହା ସ୍ପଷ୍ଟ କରୁଛି ଯେ ବୁଲା କୁକୁରଙ୍କ ବୃଦ୍ଧି ପାଉଥିବା ସଂଖ୍ୟାକୁ ନେଇ ତୁରନ୍ତ ଏବଂ ଯୋଜନାବଦ୍ଧ ପଦକ୍ଷେପ ନେବା ସମୟ ଆସିଛି।

ପ୍ରତ୍ୟେକ ଘଟଣା ପରେ କେବଳ ଆହତଙ୍କୁ ଚିକିତ୍ସା ସହାୟତା ଯୋଗାଇବା ଏହାର ସମାଧାନ ନୁହେଁ। ଏହା ପାଇଁ ବୈଜ୍ଞାନିକ, ମାନବିକ ଓ ସ୍ଥାୟୀ ସମାଧାନ ପାଇଁ ପ୍ରସ୍ତୁତ ଯୋଜନା ଆବଶ୍ୟକ। ସାରା ବିଶ୍ୱରେ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ପାଇଁ ଆନିମଲ ବାର୍ଥ କଣ୍ଟ୍ରୋଲ କାର୍ଯ୍ୟକ୍ରମକୁ ସବୁଠାରୁ ପ୍ରଭାବଶାଳୀ ଏବଂ ମାନବିକ ପଦ୍ଧତି ଭାବେ ସ୍ୱୀକୃତି ମିଳିଛି। ବ୍ରହ୍ମପୁର ମହାନଗର ନିଗମରେ ଏହି କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ଏହାର ଉତ୍କୃଷ୍ଟ ଉଦାହରଣ।

କିନ୍ତୁ ଦୁଃଖର ବିଷୟ, ଏହି ସୁବିଧା କେବଳ ସହରାଞ୍ଚଳରେ ସୀମିତ ରହିଛି। ଗ୍ରାମାଞ୍ଚଳରେ ବୁଲା କୁକୁରଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ୁଥିବା ବେଳେ ସେଠାରେ କୌଣସି ନିୟମିତ ବନ୍ଧ୍ୟାକରଣ କିମ୍ବା ରେବିସ୍? ଟିକାକରଣ କାର୍ଯ୍ୟକ୍ରମ ନଥିବାରୁ ଲୋକମାନେ ଭୟ ଓ ଅନିଶ୍ଚିତତା ମଧ୍ୟରେ ଜୀବନ ବିତାଉଛନ୍ତି। ବିଶେଷକରି ଶିଶୁ, ବୃଦ୍ଧ ଓ ମହିଳାମାନେ ଅଧିକ ବିପଦରେ ରହୁଛନ୍ତି।

ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ ଦାବି କରିଛନ୍ତି ଯେ, ବ୍ରହ୍ମପୁର ମହାନଗର ନିଗମର ସଫଳ ଏବିସି ମଡେଲକୁ ଆଧାର କରି ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ତୁରନ୍ତ ବୁଲା କୁକୁର ବନ୍ଧ୍ୟାକରଣ ଓ ରେବିସ୍? ଟିକାକରଣ କେନ୍ଦ୍ର ସ୍ଥାପନ କରାଯାଉ। ଏହା କେବଳ ପଶୁ କଲ୍ୟାଣ ପାଇଁ ନୁହେଁ, ବରଂ ଜନସୁରକ୍ଷା, ରେବିସ୍? ନିୟନ୍ତ୍ରଣ ଓ ସାମାଜିକ ସୁରକ୍ଷା ପାଇଁ ମଧ୍ୟ ଅତ୍ୟନ୍ତ ଆବଶ୍ୟକ।

ସରକାର ଓ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଅନୁରୋଧ, ଆଉ କୌଣସି ଶିଶୁ ଆକ୍ରମଣର ଶିକାର ହେବା ପୂର୍ବରୁ ଏହି ଦିଗରେ ଦୃଢ଼ ଓ ଦୂରଦର୍ଶୀ ପଦକ୍ଷେପ ଗ୍ରହଣ କରାଯାଉ। ପ୍ରତ୍ୟେକ ବ୍ଲକରେ ଏବିସି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ପୃଥକ ବଜେଟ୍, ପ୍ରଶିକ୍ଷିତ କର୍ମଚାରୀ, ଭେଟେରିନାରୀ ଡାକ୍ତର ଏବଂ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯିବା ଉଚିତ। ସେହି ସହିତ ପଞ୍ଚାୟତ, ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ଥାନୀୟ ଲୋକଙ୍କ ସହଭାଗିତାରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଚାଲୁ କରାଯିବା ଆବଶ୍ୟକ। ବୁଲା କୁକୁର ସମସ୍ୟାକୁ ନେଇ ଭାବାବେଗ ନୁହେଁ, ବରଂ ବୈଜ୍ଞାନିକ ଓ ମାନବିକ ନୀତି ହିଁ ସ୍ଥାୟୀ ସମାଧାନର ପଥ। ଆଜି ଯଦି ସରକାର ଏହି ପଦକ୍ଷେପ ନେବେ, ତେବେ ଆସନ୍ତା ପିଢ଼ି ଏକ ସୁରକ୍ଷିତ ପରିବେଶରେ ବଞ୍ଚିବାର ସୁଯୋଗ ପାଇବ। ଏହା କେବଳ ପଶୁ ସୁରକ୍ଷାର ପ୍ରସଙ୍ଗ ନୁହେଁ, ବରଂ ମଣିଷ ଓ ପଶୁଙ୍କ ମଧ୍ୟରେ ସନ୍ତୁଳିତ ସହାବସ୍ଥାନ ସ୍ଥାପନ କରିବାର ଏକ ଦାୟିତ୍ୱ।

୧.୫ କୋଟି ଟଙ୍କାର ଉଠା ଜଳସେଚନ ପ୍ରକଳ୍ପ ଅଚଳ

ଅଭିଯୋଗ ପରେ ବି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନି

ଗଞ୍ଜାମ, ୯।୭ (ଆନିସ): ଚାଷୀଙ୍କୁ ସାରାବର୍ଷ ଜଳସେଚନ ସୁବିଧା ଯୋଗାଇ କୃଷି ଉତ୍ପାଦନ ବଢ଼ାଇବା ଲକ୍ଷ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋତାଗଡ଼ ନିକଟ ଋଷିକୂଲ୍ୟା ନଦୀରେ ପ୍ରାୟ ୧.୫ କୋଟି ଟଙ୍କା ବ୍ୟୟରେ ତିନୋଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରିଥିଲେ। ମାତ୍ର ନିର୍ମାଣର ଦୁଇ ବର୍ଷ ପରେ ମଧ୍ୟ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନଥିବାରୁ ଚାଷୀମାନେ ସେଚନ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି।

ଚାଷୀମାନଙ୍କ କହିବାନୁସାରେ, ନିର୍ମାଣରେ ନିମ୍ନମାନର ଉପକରଣ ବ୍ୟବହାର କରାଯାଇଥିବାରୁ ଅଳ୍ପ ସମୟ ମଧ୍ୟରେ ବିଭିନ୍ନ ଯନ୍ତ୍ରାଂଶ ଅଚଳ ହୋଇପଡ଼ିଛି। ଠିକାଦାର କାମ ସମ୍ପୂର୍ଣ୍ଣ ନକରି ଅଧାରେ ଛାଡ଼ି ଚାଲିଯାଇଥିବା ବେଳେ ବାରମ୍ବାର ଯୋଗାଯୋଗ ସତ୍ତ୍ୱେ ଫୋନ୍ ଉଠାଉ ନଥିବା ଅଭିଯୋଗ ହୋଇଛି। ଏହାଛଡ଼ା ପ୍ରକଳ୍ପ କାମ ଶେଷ ହୋଇଥିଲେ ମଧ୍ୟ ସ୍ଥଳରେ ସୂଚନା ଫଳକ ଲଗାଯାଇନଥିବାରୁ ସ୍ୱଚ୍ଛତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଚଳିତ ବର୍ଷ ବର୍ଷା କମ୍ ହୋଇଥିଲେ ମଧ୍ୟ ବର୍ତ୍ତମାନ ଋଷିକୂଲ୍ୟା ନଦୀରେ ପର୍ଯ୍ୟାପ୍ତ ମଧୁର ଜଳ ରହିଛି। କିନ୍ତୁ ପ୍ରକଳ୍ପର ତ୍ରୁଟି ଯୋଗୁଁ ନଦୀରୁ ପାଣି ଉଠାଯାଇପାରୁନାହିଁ। ଫଳରେ ଜମିକୁ ପାଣି ମାଡ଼ିପାରୁନଥିବାରୁ ଧାନ ଚାଷକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି।

ଚାଷୀମାନଙ୍କ କହିବାନୁସାରେ, ବିଭାଗର ତଦାରଖ ଅଭାବ ଏବଂ ନିମ୍ନମାନର ନିର୍ମାଣ କାରଣରୁ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇପାରିନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇନଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ପ୍ରକଳ୍ପର ବୈଷୟିକ ଯାଞ୍ଚ କରି ଶୀଘ୍ର ତ୍ରୁଟି ସୁଧାରି କାର୍ଯ୍ୟକ୍ଷମ କରିବାକୁ ସେମାନେ ଦାବି କରିଛନ୍ତି।

ଏନେଇ ଉଠା ଜଳସେଚନ ସହକାରୀ ଯନ୍ତ୍ରୀ ସୌମ୍ୟ ରଞ୍ଜନ ମହାରଣା କହିଛନ୍ତି, ଚାଷୀଙ୍କ ସ୍ୱାର୍ଥକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି। ଜରୁରୀକାଳୀନ ଭିତ୍ତିରେ ଘଟଣାର ଯାଞ୍ଚ କରାଯାଇ ଖୁବଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

ଘୁ.ଉଦୟଗିରିର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଘୁ.ଉଦୟଗିରି,୯।୭ (ଆନିସ): ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ରଟିଙ୍ଗିଆ ସଂରକ୍ଷିତ ଜଙ୍ଗଲରେ ସାମୁହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏଥିରେ ଘୁ.ଉଦୟଗିରି ବନ ଅଧିକାରୀଙ୍କ ସହିତ ବନ କର୍ମଚାରୀ ଯୋଗ ଦେଇଥିଲେ।ବନଶ୍ରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ସାମିଲ ହୋଇ ଚାରା ରୋପଣ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ବିଦୂତ ପ୍ରଭା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମେଣ୍ଟର ଜିତେନ୍ଦ୍ର କୁମାର ସାମଲ ପରିଚାଳନା କରିଥିବା ବେଳେ,ସ୍ୱପ୍ନା ରାଣୀ ଗୌଡ଼,ମମତା ଆଲୁକ, ଦେବେନ୍ଦ୍ର କୁମାର ପଣ୍ଡା, ରାଜେନ୍ଦ୍ର ବଡତ୍ୟା ପ୍ରମୁଖ ସହଯୋଗ କରିଥିଲେ।ସେହି ଭଳି ରାବାନାଙ୍କୁ ପ୍ରାଥମିକ ବିଦ୍ୟାଳୟ ଠରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପି ମଧୁମିତା ପ୍ରଧାନ ଓ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ତୃପ୍ତି ପ୍ରଧାନଙ୍କ ନେତୃତ୍ୱରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ,ପୁରାତନ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ସକ୍ରିୟ ସହଯୋଗରେ ଚାରାରୋପଣ ଓ ବନମହୋତ୍ସବ-୨୦୨୬ ପାଳନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ ଓ ବଣ୍ଟନ କରାଯିବା ସହ ପରିବେଶ ସୁରକ୍ଷା,ସବୁଜିମା ବୃଦ୍ଧି ଏବଂ ବୃକ୍ଷ ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ସମସ୍ତଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।ସେହିଭଳି ଭାବେ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନରକ୍ଷି ମନୋଜ ମହାପାତ୍ରଙ୍କ ସହିତ ଛାତ୍ରମାନଙ୍କୁ ନେଇ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯିବ ସହିତ ନ ମହୋତ୍ସବ ପାଳିତ ହେବା ସହ ପରିବେଶ ସୁରକ୍ଷା ଉପରେ ମତବ୍ୟକ୍ତ କରିଥିଲେ ।

ଖରିଡା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ

ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ

ବୁଗୁଡ଼ା,୯।୭ (ଆନିସ): ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ଖରିଡା ମା ସ୍ୱପ୍ନେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଠାରେ ୭୭ତମ ବନ ମହୋତ୍ସବ ପାଳନ ହୋଇ ଯାଇଛି। ହାଇସ୍କୁଲର ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଦ୍ୱାରା ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରି ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଗଛ ଲଗାଇ ଥିଲେ। ଏହି ଅବସରରେ ଅନୁଷ୍ଠିତ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇ ଥିଲା ଏଥିରେ ଅତିଥି ଭାବେ ବାଲିପଦର ବନପାଳ ସୁକାନ୍ତ କୁମାର ପଟ୍ଟନାୟକ ଯୋଗଦେଇ ପରିବେଶ ସୁରକ୍ଷା-ଜୀବନ ରକ୍ଷାର ବାର୍ତ୍ତା ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ପ୍ରସନ୍ନ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

୭୭ ତମ ବନ ମହୋତ୍ସବ ପାଳନ

କୁକୁଡ଼ାଖଣ୍ଡି,୯।୭ (ଆନିସ): କୁକୁଡାଖଣ୍ଡି ବ୍ଲକ୍ ଅନ୍ତର୍ଗତ ବାଲିପଡ଼ା ସ୍ଥିତ ପିଏମ ଶ୍ରୀ ସରକାରୀ ଘାଟିପାରି ଉଚ୍ଚ ବିଦ୍ୟାଳୟ ପକ୍ଷରୁ ୭୭ ତମ ବନ ମହୋତ୍ସବ ସପ୍ତାହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ଜ୍ୟୋତି କୁମାରୀ ପଣ୍ଡା ଙ୍କ ସଭାପତିତ୍ୱରେ ପାଳିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜାତୀୟ ସବୁଜ ବାହିନୀର ଗଞ୍ଜାମ ଜିଲ୍ଲା ସଂଯୋଜକ ଡ଼ ଶଙ୍କର ନାରାୟଣ ବେଜ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ଶ୍ରୀଯୁକ୍ତ ସୋମନାଥ ମଲ୍ଲିକ ଯୋଗ ଦେଇଥିଲେ । ଅନ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ବାବୁଲା ସାହୁ, ପୁରାତନ ଛାତ୍ରସଂସଦ ସମ୍ପାଦକ ଶ୍ରୀଯୁକ୍ତ ସଂଜୟ କୁମାର ପାଣିଗ୍ରାହୀ, ପୁରାତନ ଛାତ୍ର ସଂସଦର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ମହାନ୍ତି , ଶ୍ରୀ ସନ୍ତୋଷ କୁମାର ଗୌଡ ଓ ରୋହିଗାଁ କ୍ଲଷ୍ଟର ଶ୍ରୀ ଜିତେନ୍ଦ୍ର କୁମାର ମହାନ୍ତି ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ, ଜୁନିୟର ରେଡ଼କ୍ରସ୍, ସ୍କାଉଟ ଏବଂ ଇକୋ କ୍ଲବ୍ ର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ପରିବେଶ ସୁରକ୍ଷା ଏବଂ ବୃକ୍ଷରୋପଣର ମହତ୍ତ୍ୱ ବିଷୟରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ ।

ଜୟପୁର ଠାରେ ପବିତ୍ର ରଥ ନିର୍ମାଣ କାର୍ଯ୍ୟ ଚାଲିଥିବା ରଥଖଳା ପରିଦର୍ଶନ କଲେ ବିଧାୟକ ତାରା

ଜୟପୁର,୯।୭ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ଠାରେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପ୍ରସ୍ତୁତ ହେଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ, ମହାପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ରଥ ନିର୍ମାଣ କାର୍ଯ୍ୟ ଚାଲିଥିବା ରଥଖଳା ପରିଦର୍ଶନ କଲେ ବିଧାୟକ ତାରା ପ୍ରସାଦ ବାହିନୀପତି, ଏହି ଅବସରରେ ରଥ ନିର୍ମାଣରେ ନିୟୋଜିତ ମହାରଣା ସେବକମାନଙ୍କ ସହ ବିସ୍ତୃତ ଆଲୋଚନା କରି ସେମାନଙ୍କ ଅନୁଭୂତି,ପାରମ୍ପରିକ ଜ୍ଞାନ ଓ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ କରିଥିଲେ, ଏହି ପରିଦର୍ଶନ ସମୟରେ ଜୟପୁର ତହସିଲଦାର ତଥା ଦେବତର ଅଧିକାରୀ ସବ୍ୟସାଚୀ ଜେନା, ଦେବୋତ୍ତର କମିଟିର ସଭାପତି ଦେବେନ୍ଦ୍ର ବାହିନୀପତି ଓ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିବର୍ଗ ମଧ୍ୟ ଏହି ପରିଦର୍ଶନରେ ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ କୃପାରୁ ରଥ ନିର୍ମାଣ କାର୍ଯ୍ୟ ସୁଚାରୁରୂପେ ଓ ନିର୍ଦ୍ଧାରିତ ସମୟରେ ସମ୍ପନ୍ନ ହେବ ସୁଚନା ଦେଲେ ଦେବତର ଅଧିକାରୀ ।

ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଏସ୍‌ଆଇଆର ସମ୍ପର୍କୀୟ ସ୍ୱିପ୍ ସଚେତନତା ଓ ପ୍ରଚାର କାର୍ଯ୍ୟକ୍ରମ

ଆସିକା,୯।୭ (ଆନିସ): ନିର୍ବାଚନ ପ୍ରକ୍ରିୟା ପ୍ରତି ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ଏସ୍‌ଆଇଆର ସମ୍ପର୍କୀୟ ସ୍ୱିପ୍ (ବ୍ୟବସ୍ଥିତ ମତଦାତା ଶିକ୍ଷା ଓ ନିର୍ବାଚନୀ ଅଂଶଗ୍ରହଣ କାର୍ଯ୍ୟକ୍ରମ) ଅଧୀନରେ ଏକ ସଚେତନତା ଓ ପ୍ରଚାର କାର୍ଯ୍ୟକ୍ରମ ଆସିକା ବିଜ୍ଞାନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଗଣତନ୍ତ୍ରରେ ମତଦାନର ଗୁରୁତ୍ୱ, ସଚେତନ ମତଦାତା ହେବାର ଆବଶ୍ୟକତା ଏବଂ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣର ମହତ୍ତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଆସିକାର ଅତିରିକ୍ତ ବିଡିଓ ସୁଶାନ୍ତ କୁମାର ବେହେରା ଯୋଗଦେଇ ଏସ୍‌ଆଇଆର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ମତଦାତା ତାଲିକାର ସଠିକତା ବଜାୟ ରଖିବା, ଯୋଗ୍ୟ ମତଦାତାଙ୍କ ନାମ ତାଲିକାରେ ସାମିଲ କରିବା ଏବଂ ନିର୍ବାଚନ ପ୍ରକ୍ରିୟାରେ ସମସ୍ତଙ୍କ ସକ୍ରିୟ ଭାଗିଦାରିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

ଅନ୍ୟତମ ଅତିଥି ଜିପିଡିଓ ରାଜଶ୍ରୀ ସାହୁ ନିର୍ବାଚନୀ ସଚେତନତା ସୃଷ୍ଟିରେ ଛାତ୍ରଛାତ୍ରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେ ସମସ୍ତଙ୍କୁ ନିଜ ପରିବାର ଓ ସମାଜରେ ମତଦାନ ସମ୍ପର୍କୀୟ ସଚେତନତା ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ ଜଣାଇଥିଲେ।

ଏସ୍.ଆଇଆର ସୁପରଭାଇଜର ରାମନାଥ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ଏସ୍‌ଆଇଆର କାର୍ଯ୍ୟକ୍ରମର ବିଭିନ୍ନ ଦିଗ, ମତଦାତା ସଚେତନତା ଅଭିଯାନ, ମତଦାତା ତାଲିକାରେ ନାମ ସଂଯୋଜନ, ସଂଶୋଧନ ଓ ବିଲୋପ ସମ୍ପର୍କୀୟ ପ୍ରକ୍ରିୟା ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିର୍ବାଚନୀ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏଥିରେ ଉତ୍ସାହର ସହ ଅଂଶଗ୍ରହଣ କରି ଗଣତନ୍ତ୍ର, ମତଦାନର ଗୁରୁତ୍ୱ ଏବଂ ସଚେତନ ନାଗରିକର କର୍ତ୍ତବ୍ୟ ସମ୍ପର୍କୀୟ ବିଷୟକୁ ନିଜ ଚିତ୍ର ଓ ଜ୍ଞାନ ମାଧ୍ୟମରେ ପ୍ରକାଶ କରିଥିଲେ।

ଶେଷରେ ଆୟୋଜକମାନେ ଯୁବପିଢ଼ିଙ୍କୁ ସଚେତନ ମତଦାତା ଭାବେ ନିଜର ସାମାଜିକ ଓ ଗଣତାନ୍ତ୍ରିକ ଦାୟିତ୍ୱ ସଠିକ୍ ଭାବେ ପାଳନ କରିବା ସହ ନିର୍ବାଚନୀ ସଚେତନତାର ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବାକୁ ଆହ୍ୱାନ ଜଣାଇଥିଲେ।

ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ବେଲଝରୀ ଠାରେ କାଳଞ୍ଜି ସମାଜ ମଣ୍ଡଳ ସଭାଗୃହ ଉଦ୍ଘାଟିତ

ସମ୍ବର୍ଦ୍ଧନା ଉତ୍ସବ ଓ ସାଧାରଣ ସଭା ଅନୁଷ୍ଠିତ

କୋଦଳା,୯।୭ (ଆନିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦମେଖ ପଞ୍ଚାୟତର ବେଲଝରୀ ଠାରେ ଉଦ୍? ଘାଟିତ ହୋଇଯାଇଛି କାଳଞ୍ଜି ସମାଜ ମଣ୍ଡଳ ସଭାଗୃହ। ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ଏହାର ଉଦଘାଟନ କରିଛନ୍ତି। କେନ୍ଦ୍ର ସଭାପତି ସନ୍ତୋଷ କୁମାର ଜେନା, ଗୋପିନାଥ ମଣ୍ଡଳ ସଭାପତି ନୀଳକଣ୍ଠ ତର

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

କଳା ପାଇଁ କଳା ନୁହେ, ଜୀବନ ପାଇଁ କଳା

ଫରାସୀ ଦାର୍ଶନିକ ଭିକ୍ଟର କୁଜନ୍ ଉନ୍ନବିଂଶ ଶତାବ୍ଦୀରେ ପ୍ରଥମେ କଳା ପାଇଁ କଳା ବାକ୍ୟାଂଶଟିକୁ ବ୍ୟବହାର କରିଥିଲେ । ସେ ସମୟର ଅନ୍ୟ ସୌନ୍ଦର୍ଯ୍ୟବାଦୀଙ୍କ ଭଳି କୁଜନଙ୍କର ବି ବିଶ୍ୱାସ ଥିଲା ଯେ , କଳା ଚିରକାଳ ସ୍ୱାଧୀନ । ଔଚିତ୍ୟ ସହିତ ଏହାର କୌଣସି ସମ୍ପର୍କ ନାହିଁ । ଉଦ୍ଦେଶ୍ୟ ସାଧନ କି ବାର୍ତ୍ତା ପ୍ରଦାନ କଳାର କାର୍ଯ୍ୟ ନୁହେ । ତେବେ ଥିଓଫିଲ ଗୌଟିୟରଙ୍କ ଦ୍ୱାରା କଳା ପାଇଁ କଳା ବାକ୍ୟାଂଶଟି ଏକ ସ୍ଲୋଗାନରେ ପରିଣତ ହୋଇଥିଲା । ବହୁ କବି ଲେଖକ କେବଳ ଶୈଳୀସର୍ବସ୍ୱ , ସୌନ୍ଦର୍ଯ୍ୟପ୍ରଧାନ ରଚନାରେ ମନୋନିବେଶ କରିଥିଲେ ଏହାର ପ୍ରଭାବରେ । ସେମାନଙ୍କର ଯୁକ୍ତି ଥିଲା – ଯାହା ସୁନ୍ଦର ତାହା ପ୍ରୟୋଜନୀୟ କି ବ୍ୟବହାର ଉପଯୋଗୀ ନୁହେ । ସବୁ ବ୍ୟବହାର ଉପଯୋଗୀ ପ୍ରୟୋଜନୀୟ ଜିନିଷ ଅସୁନ୍ଦର । କାରଣ ସେହି ଜିନିଷମାନଙ୍କ ସହ ମଣିଷର ଆକାଂକ୍ଷା , ଅଭିଳାଷ ଓ ସ୍ୱାର୍ଥପରତା ଜଡିତ ।ବାସ୍ତବରେ ସୁନ୍ଦର ଜିନିଷର ଅସ୍ତିତ୍ୱ ହିଁ ମୂଲ୍ୟବାନ ଓ ତାହା କୌଣସି ବାହ୍ୟିକ ଅନୁମୋଦନର ଅପେକ୍ଷା ରଖେନାହିଁ । ଆମେ ଏଭଳି ଚିନ୍ତାଧାରାର ସମର୍ଥକ ଭାବେ ଫରାସୀ ପ୍ରତୀକବାଦୀ କବି ଶାର୍ଲ ବୋଦଲେୟାର, ଷ୍ଟେଫାନ ମାଲାର୍ମେ , ପଲ୍ ଭାରଲେନ୍ , ଆର୍ଥର ର୍ୟାଂବୋ ପ୍ରଭୃତିଙ୍କୁ ନେଇ ପାରିବା ।

ଓସ୍କାର ୱାଇଲ୍ଡ ବି କଳା ପାଇଁ କଳା ମତବାଦର ଜଣେ ଦୃଢ଼ ସମର୍ଥକ ଥିଲେ । ଏକଦା ବନ୍ଧୁ ବେର୍ଣ୍ଣଲ୍ଡ କ୍ଲେଗଙ୍କୁ ପତ୍ର ଲେଖି ଜଣାଇଥିଲେ ଯେ – କଳା ଏକ ଅଦରକାରୀ ଜିନିଷ । ଏହାର ଲକ୍ଷ୍ୟ କେବଳ ସାମୟିକ ମିଜାଜ (ମୁଡ୍) ସୃଷ୍ଟି କରିବା । ନିର୍ଦ୍ଦେଶ ଦେବା କି କୌଣସି କାର୍ଯ୍ୟକୁ ପ୍ରଭାବିତ କରିବା ଏହାର ଉଦ୍ଦେଶ୍ୟ ନୁହେ । ଫୁଲ ଭଳି କଳା । ନିଜର ଆନନ୍ଦ ପାଇଁ ଫୁଲ ଫୁଟିଥାଏ ଓ ତାକୁ ଦେଖି ଆନନ୍ଦର ଏକ ମୁହୂର୍ତ୍ତକୁ ଆମେ ଉପଭୋଗ କରିଥାଉ ।

ଏଇଠି ପ୍ରଶ୍ନ ଉଠେ – କଳା ଯଦି ଅଦରକାରୀ , ଫୁଲ ଭଳି ନିଜର ଆନନ୍ଦ ପାଇଁ ହିଁ ଫୁଟେ , ତେବେ ତାକୁ ଫୁଟାଇବାର ଆବଶ୍ୟକତା କଣ ସୌନ୍ଦର୍ଯ୍ୟବାଦୀମାନେ ଏତେ ଲେଖାଲେଖି କରୁଥିଲେ କାହିଁକି ଲେଖିବା ପଛରେ ନିଶ୍ଚୟ ସେମାନଙ୍କର କିଛି ଅଭିପ୍ରାୟ ଥିଲା । ଉଭୟ ଶାରୀରିକ ଓ ମାନସିକ ଶ୍ରମ ବି ସେମାନେ ସ୍ୱୀକାର କରିଥିଲେ ଲେଖିବା ପାଇଁ । ପୃଷ୍ଠଭୂମିରେ ସେମାନଙ୍କର ତତ୍କାଳୀନ ସମାଜ ମଧ୍ୟ ରହିଥିଲା । କୌଣସି ଶୂନ୍ୟସ୍ଥାନରେ ସେମାନେ ନିଜ ନିଜର ରଚନାକୁ ରୂପରେଖ ଦେଇ ନଥିଲେ । ତେଣୁ ମନେହୁଏ କଳା ପାଇଁ କଳା ଏକ ଉଦ୍ଭଟ ବିଚାର । ସମାଜ–ନିରପେକ୍ଷ , ଉଦ୍ଦେଶ୍ୟମୂକ୍ତ କଳାସୃଷ୍ଟି ସମ୍ଭବ ନୁହେ । ପ୍ରତି କଳାସୃଷ୍ଟି ତା ସହ ସମ୍ପୃକ୍ତ ସମାଜର ଅଂଶ । କଳା ପାଇଁ କଳା ସୃଷ୍ଟିର ଉଦ୍ୟମ ବି କୌଣସି ନା କୌଣସି ମୂଲ୍ୟବୋଧ ଦ୍ୱାରା ପ୍ରଭାବିତ ହୋଇଥାଏ । ସ୍ଥଳବିଶେଷରେ ଏକ ରାଜନୈତିକ କାର୍ଯ୍ୟ ବି । ରାମାୟଣ , ମହାଭାରତ , ଇଲିଆଡ୍ , ଓଡିଶୀ ଭଳି ବିଶ୍ୱବିଖ୍ୟାତ ମହାକାବ୍ୟ ସବୁ ରାଜନୀତି–ଆଧାରିତ । ଓସ୍କାର ୱାଇଲ୍ଡ କଳା ଅଦରକାରୀ ବା ୟୁଜଲେସ୍ ବୋଲି ମତ ରଖିଥିଲେ ବି ନୀତି ନୈତିକତାକୁ ନେଇ ନିଜ ସୃଷ୍ଟି ଜରିଆରେ ସେ ଅନେକ କଥା କହିଛନ୍ତି । ତାଙ୍କ କଳା ପାଇଁ କଳା ସୃଷ୍ଟିର ଉଦ୍ୟମକୁ ପିଠି କରି କଳା ଜୀବନ ସହିତ ଯୋଡି ହୋଇ ଯାଇଛି ।

ଜୀବନ ପାଇଁ ହିଁ କଳାର ସୃଷ୍ଟି । ସାହିତ୍ୟ ଏକ କଳା ଭାବେ କେବଳ ସୌନ୍ଦର୍ଯ୍ୟ ଉପଭୋଗ କି ମନୋରଞ୍ଜନ ସକାଶେ ଉଦ୍ଦିଷ୍ଟ ନୁହେ । ଏହା ମଣିଷ ଓ ତା ସମାଜର ହିତ ସହ ସମ୍ପୃକ୍ତ । ସାମାଜିକ ବାସ୍ତବତାକୁ ପ୍ରତିଫଳିତ କରିବା ସହିତ ସାହିତ୍ୟ ସ୍ଥିତାବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସ୍ୱର ଉତ୍ତୋଳନ କରିଥାଏ ଓ ଆବଶ୍ୟକ ସ୍ଥଳେ କ୍ରାନ୍ତିର କଥା କହିଥାଏ ।

ମାକ୍ସିମ୍ ଗର୍କିଙ୍କ ମା ସମାଜବାଦୀ ବାସ୍ତବତାର ଭିତ୍ତିସ୍ଥାପନକାରୀ ଏକ ଉପନ୍ୟାସ । ଏହା ଜଣେ ଶ୍ରମଜୀବୀ ମହିଳାଙ୍କ କଥା କହେ , ଯିଏ ନିଜ ସନ୍ତାନର ବୈପ୍ଳବିକ କାର୍ଯ୍ୟକଳାପ ଓ ସଂଘର୍ଷ ଦ୍ୱାରା ଅନୁପ୍ରାଣିତ ହୋଇ ନିଜେ ବିପ୍ଳବରେ ସହାୟତା କରିବାକୁ ଆଗେଇ ଆସିଥିଲେ । ଜନସାଧାରଣଙ୍କ ଭିତରେ କ୍ରାନ୍ତି – ଅନୁକୂଳ ରାଜନୈତିକ ଚେତନା ଜାଗ୍ରତ କରିବା ଉକ୍ତ ଉପନ୍ୟାସର ଉଦ୍ଦେଶ୍ୟ ଥିଲା । ନିକୋଲାଇ ଅସ୍ତ୍ରୋଭସ୍କିଙ୍କ ହାଉ ଦ ଷ୍ଟିଲ୍ ୱାଜ୍ ଟେଂପେର୍ଡ ଏକ ଆତ୍ମଜୀବନୀମୂଳକ ରଚନା । ଜଣେ ଗରିବ ଯୁବକ ପାଭେଲ୍ ଏହାର ମୁଖ୍ୟ ଚରିତ୍ର । ବଲସେଭିକ୍ ବିପ୍ଳବରେ ଭାଗ ନେଇ ସେ ଉଦାହରଣ ସୃଷ୍ଟି କରିଥିଲା । କ୍ରାନ୍ତି ପାଇଁ ଉତ୍ସର୍ଗୀକୃତ ଜୀବନ ହିଁ ଅର୍ଥପୂର୍ଣ୍ଣ – ସମ୍ଭବତଃ ଏହି ବିଶ୍ୱାସକୁ ଜନସାଧାରଣଙ୍କ ଭିତରେ ଉଜାଗର କରିବା ପାଇଁ ଅସ୍ତ୍ରୋଭସ୍କି ଉପନ୍ୟାସଟି ଲେଖିଥିଲେ । ରୁଷୀୟ କ୍ରାନ୍ତିର କବି , ବିଖ୍ୟାତ କ୍ଲାଉଡ୍ ଇନ୍ ଟ୍ରାଉଜର୍ସ କବିତାର ରଚୟିତା ମାୟକୋଭସ୍କି , ଚୀନ୍ ସାହିତ୍ୟରେ ଆଧୁନିକତାର ଭଗୀରଥ ତଥା ଡାଏରୀ ଅଫ୍ ଏ ମ୍ୟାଡମ୍ୟାନ୍ ର ଲେଖକ ଲୁ ସୁନ୍ , ଏପିକ୍ ଥିଏଟରର ସୃଷ୍ଟିକର୍ତ୍ତା , କବି ଓ ନାଟ୍ୟକାର ବର୍ଟୋଲ୍ଟ ବ୍ରେଖ୍ଟ , ଇଂରେଜ ନାଟ୍ୟକାର ବର୍ଣ୍ଣାଡ଼ ଶ , ଚିଲ୍ଲିର ଗଣକବି ପାବ୍ଲୋ ନେରୁଦା ପ୍ରଭୃତିଙ୍କୁ ବି ଜୀବନ ପାଇଁ କଳାସୃଷ୍ଟିର ପକ୍ଷଧର ଭାବେ ଅକୁଣ୍ଠ ଗ୍ରହଣ କରା ଯାଇପାରେ ।

ଆମ ଓଡ଼ିଆ ସାହିତ୍ୟରେ ବି ଜୀବନ ପାଇଁ କଳାସୃଷ୍ଟିର ବହୁ ଉଜ୍ଜ୍ୱଳ ଉଦାହରଣ ରହିଛି । ନିଜ ଜୀବନକୁ ନର୍କରେ ଫିଙ୍ଗି ଜଗତ ଉଦ୍ଧାରର କାମନା କରିଥିବା କବି ଭୀମ ଭୋଇ ସମ୍ଭବତଃ ଏହାର ଶ୍ରେଷ୍ଠତମ ଉଦାହରଣ । ପରବର୍ତ୍ତୀ ସମୟରେ ଫକୀର ମୋହନ ସେନାପତି , ଭଗବତୀ ଚରଣ ପାଣିଗ୍ରାହୀ , ଗୋପୀନାଥ ମହାନ୍ତି , ସୁରେନ୍ଦ୍ର ମହାନ୍ତି , ଗୋଦାବରୀଶ ମହାପାତ୍ର , ଅନନ୍ତ ପଟ୍ଟନାୟକ , ରଘୁନାଥ ଦାସ , ମନମୋହନ ମିଶ୍ର , ରବି ସିଂ , ବ୍ରଜନାଥ ରଥଙ୍କ ସମେତ ଅନ୍ୟ ଅନେକ କବି ଓ ଲେଖକ ଏହି ଧାରାକୁ ଆଗେଇ ନେଇଛନ୍ତି । ସେମାନଙ୍କ ରଚନା ଓଡ଼ିଆ ସାହିତ୍ୟକୁ ଅଧିକ ଜନାଭିମୁଖୀ କରିଛି ।

କଳା ପାଇଁ କଳା – ନାଇଜେରୀୟ ଲେଖକ ଚିନୁଆ ଆଚିବିଙ୍କ ଭାଷାରେ କହିଲେ – ଡିଓଡ଼ରାଇଜ୍ଡ ଡଗ୍ ସିଟ୍ । ଅନ୍ୟ ପକ୍ଷରେ ଜୀବନ ପାଇଁ କଳା ବାର୍ତ୍ତାବାହୀ , ମଣିଷ ଓ ତା ସମାଜର ହିତକାମୀ । ୱାନ୍ କାଣ୍ଟ ରାଇଟ୍ ଏ ଲାଇନ୍ ତଆଉଟ୍ ଏ ମେସେଜ୍ । (ଜେମ୍ସ ବାଲ୍ଡିନ୍)

ପ୍ରଶାନ୍ତ ମିଶ୍ର
ବ୍ଲକ୍ କଲୋନୀ , କାଶୀନଗର , ଗଜପତି

ଜେନ୍-ଜି ଯୁଗରେ ସୋସିଆଲ ମିଡିଆ: ସମ୍ଭାବନାର ସେତୁ ନା ସଙ୍କଟର ସୂଚନା?

ସମୟର ସ୍ରୋତ କେବେ ବି ଅଟକି ରହେନାହିଁ। ପ୍ରତ୍ୟେକ ଯୁଗ ନିଜ ସହ ଆଣିଥାଏ ନୂଆ ଚିନ୍ତାଧାରା, ନୂଆ ପ୍ରଯୁକ୍ତି ଏବଂ ନୂଆ ଜୀବନଶୈଳୀ। ଏକଦା ଏକବିଂଶ ଶତାବ୍ଦୀର ଆରମ୍ଭକୁ ବିଜ୍ଞାନର ଯୁଗ ବୋଲି କୁହାଯାଉଥିଲା। ଆଜି ସେହି ସମୟ ଆହୁରି ଆଗକୁ ବଢ଼ି ଜେନ୍–ଜିର ଯୁଗରେ ପହଞ୍ଚିଛି। ଏହା ଏମିତି ଏକ ପିଢ଼ି, ଯାହାର ଜୀବନ ପ୍ରଯୁକ୍ତି, ଇଣ୍ଟରନେଟ ଏବଂ ସୋସିଆଲ ମିଡିଆ ସହ ଅବିଚ୍ଛିନ୍ନ ଭାବରେ ଜଡ଼ିତ।

ଗତ ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱରେ ଯେଉଁ ଡିଜିଟାଲ ବିପ୍ଳବ ଘଟିଛି, ତାହା ମାନବ ସଭ୍ୟତାର ଗତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ଆଜି ସୂଚନା ପାଇବା, ମତ ପ୍ରକାଶ କରିବା, ବ୍ୟବସାୟ କରିବା, ଶିକ୍ଷା ଗ୍ରହଣ କରିବା କିମ୍ବା ପୃଥିବୀର ଯେକୌଣସି କୋଣରେ ଥିବା ବ୍ୟକ୍ତିଙ୍କ ସହ ସଂଯୋଗ ସ୍ଥାପନ କରିବା କେବଳ କିଛି ସେକେଣ୍ଡର ବ୍ୟାପାର। ଯେଉଁ ଖବର ପୂର୍ବରୁ ରେଡିଓ, ଦୂରଦର୍ଶନ କିମ୍ବା ଖବରକାଗଜ ମାଧ୍ୟମରେ ପରଦିନ ଲୋକଙ୍କ ପାଖରେ ପହଞ୍ଚୁଥିଲା, ଆଜି ସେହି ଖବର କିଛି ମୁହୂର୍ତ୍ତ ମଧ୍ୟରେ ସାରା ବିଶ୍ୱରେ ପ୍ରସାରିତ ହେଉଛି। ଏହା ନିଶ୍ଚିତ ଭାବେ ସୋସିଆଲ ମିଡିଆର ଏକ ବଡ଼ ଅବଦାନ।

ସୋସିଆଲ ମିଡିଆ ଆଜି ଅନେକ ଯୁବକ–ଯୁବତୀଙ୍କୁ ରୋଜଗାରର ସୁଯୋଗ ଦେଇଛି। ଅନେକେ ନିଜ ପ୍ରତିଭାକୁ ବିଶ୍ୱ ଦରବାରରେ ପହଞ୍ଚାଇପାରିଛନ୍ତି। ଛାତ୍ରଛାତ୍ରୀମାନେ ଶିକ୍ଷାର ନୂଆ ଦିଗ ପାଇଛନ୍ତି। କ୍ଷୁଦ୍ର ବ୍ୟବସାୟୀମାନେ ଡିଜିଟାଲ ମାଧ୍ୟମରେ ନିଜ ବ୍ୟବସାୟର ପରିସର ବଢ଼ାଇଛନ୍ତି। ଏହାର ସକାରାତ୍ମକ ପ୍ରଭାବକୁ ଅସ୍ୱୀକାର କରିହେବ ନାହିଁ।

କିନ୍ତୁ ପ୍ରତ୍ୟେକ ଆଲୋକ ସହ ଛାଇ ମଧ୍ୟ ରହିଥାଏ। ଆଜି ସୋସିଆଲ ମିଡିଆର ଅପବ୍ୟବହାର ଚିନ୍ତାର ବିଷୟ ପାଲଟିଛି। ଅଶ୍ଳୀଳ ଭାଷା, ଦ୍ୱିଅର୍ଥବୋଧକ ଭିଡିଓ, ମିଥ୍ୟା ପ୍ରଚାର, ଘୃଣା ସୃଷ୍ଟିକାରୀ ବିଷୟବସ୍ତୁ ଏବଂ ଅପସଂସ୍କୃତିର ପ୍ରସାର ଦିନକୁ ଦିନ ବଢ଼ୁଛି। ସବୁଠାରୁ ଚିନ୍ତାଜନକ କଥା ହେଲା, ଏହାର ପ୍ରଭାବ ସିଧାସଳଖ ଭାବରେ ଶିଶୁ ଓ କିଶୋରମାନଙ୍କ ଉପରେ ପଡ଼ୁଛି।

ଆଜି ସାତ କିମ୍ବା ଆଠ ବର୍ଷର ଶିଶୁର ହାତରେ ମୋବାଇଲ ଫୋନ୍? ଏକ ସାଧାରଣ ଘଟଣା। ସେମାନେ ଯେଉଁ ବିଷୟବସ୍ତୁ ଦେଖୁଛନ୍ତି କିମ୍ବା ଶୁଣୁଛନ୍ତି, ତାହା ସେମାନଙ୍କ ମାନସିକ ବିକାଶ, ଭାଷା, ଆଚରଣ ଓ ଚରିତ୍ର ଉପରେ ଗଭୀର ପ୍ରଭାବ ପକାଉଛି। ଅନୁକରଣପ୍ରିୟ ବୟସରେ ସେମାନେ ଭଲ–ମନ୍ଦର ପାର୍ଥକ୍ୟ ବୁଝିବାରେ ସକ୍ଷମ ନୁହଁନ୍ତି। ଫଳସ୍ୱରୂପ, ସମାଜରେ ଅସହିଷ୍ଣୁତା, ଅଶାଳୀନତା ଓ ନୈତିକ ଅବକ୍ଷୟ ଧୀରେ ଧୀରେ ବଢ଼ିବାରେ ଲାଗିଛି।

ଏହି ସମସ୍ୟା ପାଇଁ କେବଳ ସରକାରଙ୍କୁ ଦାୟୀ କରିଦେଲେ ଚାଲିବ ନାହିଁ। ପରିବାର, ବିଦ୍ୟାଳୟ, ସମାଜ ଏବଂ ପ୍ରତ୍ୟେକ ସଚେତନ ନାଗରିକଙ୍କର ମଧ୍ୟ ସମାନ ଦାୟିତ୍ୱ ରହିଛି। ଅଭିଭାବକମାନେ ସନ୍ତାନଙ୍କ ମୋବାଇଲ ବ୍ୟବହାର ଉପରେ ନଜର ରଖିବା ଉଚିତ୍। ବିଦ୍ୟାଳୟରେ ଡିଜିଟାଲ ସାକ୍ଷରତା ଓ ସୋସିଆଲ ମିଡିଆର ସଦୁପଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ସେହିପରି ସରକାରଙ୍କୁ ମଧ୍ୟ କଠୋର ନୀତି ପ୍ରଣୟନ କରି ଅପବ୍ୟବହାରକାରୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ହେବ।

ଡିଜିଟାଲ ଯୁଗରେ ସୋସିଆଲ ମିଡିଆକୁ ବନ୍ଦ କରିବା ସମ୍ଭବ ନୁହେଁ, କିନ୍ତୁ ଏହାକୁ ସଠିକ୍? ଦିଗରେ ପରିଚାଳିତ କରିବା ନିଶ୍ଚିତ ସମ୍ଭବ। ପ୍ରଯୁକ୍ତି ନିଜେ କେବେ ଭଲ କିମ୍ବା ଖରାପ ନୁହେଁ ତାହାର ବ୍ୟବହାର ହିଁ ତାହାର ପରିଣାମ ନିର୍ଣ୍ଣୟ କରେ। ଯଦି ଆମେ ଆଜି ସଚେତନ ନ ହେବା, ତେବେ ଆଗାମୀ ପିଢ଼ିକୁ ଏହାର ମୂଲ୍ୟ ଦେବାକୁ ପଡ଼ିବ। ଆଉ ଯଦି ଆଜିଠାରୁ ଦାୟିତ୍ୱବୋଧ ସହିତ ସୋସିଆଲ ମିଡିଆ ବ୍ୟବହାର କରିବା, ତେବେ ଏହା ଦେଶର ବିକାଶ ଓ ସମାଜର ପ୍ରଗତିର ସବୁଠାରୁ ବଡ଼ ମାଧ୍ୟମ ହୋଇପାରିବ।

ଏହି ଲେଖା କୌଣସି ବ୍ୟକ୍ତି, ସଂସ୍ଥା କିମ୍ବା ମତବାଦକୁ ଆକ୍ଷେପ କରିବା ପାଇଁ ନୁହେଁ। ବରଂ ଆଗାମୀ ପିଢ଼ିର ସୁରକ୍ଷିତ, ସୁସ୍ଥ ଏବଂ ସଂସ୍କାରବାନ୍? ଭବିଷ୍ୟତ ପାଇଁ ଏକ ନାଗରିକ ଭାବରେ ମୋର ନମ୍ର ପ୍ରୟାସ।

ସାରଦା ପ୍ରସନ୍ନ ସାମଲ (ଗରଗାଲି),
ବଡଚଣା, ଯାଜପୁର

ଜନକଲ୍ୟାଣ ଓ ପ୍ରଗତିର ପୁରୋଧା: ମହାରାଜା ବିରମିତ୍ରୋଦୟ ସିଂହଦେଓ

ଇତିହାସ କେବଳ ରାଜବଂଶର କାହାଣୀ ନୁହେଁ ଏହା ସେହି ମହାନ ବ୍ୟକ୍ତିତ୍ୱମାନଙ୍କର ସ୍ମୃତିକୁ ଅମର କରି ରଖେ, ଯେଉଁମାନେ ନିଜ ସମୟକୁ ଅତିକ୍ରମ କରି ଆଗାମୀ ପିଢ଼ିର ଭାଗ୍ୟ ଗଢ଼ି ଦେଇଥାନ୍ତି। ସୁବର୍ଣ୍ଣପୁର ଇତିହାସରେ ମହାରାଜା ସାର୍? ଶ୍ରୀ ବିରମିତ୍ରୋଦୟ ସିଂହଦେଓ ସେପରି ଜଣେ ଯୁଗଦ୍ରଷ୍ଟା ଓ ପ୍ରଜାବତ୍ସଳ ଶାସକ। ତାଙ୍କର ୧୫୩ତମ ଜୟନ୍ତୀରେ ଏହି ମହାନ ବ୍ୟକ୍ତିତ୍ୱଙ୍କୁ ସ୍ମରଣ କରିବା ଆମର କୃତଜ୍ଞତାର ପ୍ରକାଶ।

୧୮୭୪ ଜୁଲାଇ ୮ରେ ଜନ୍ମଗ୍ରହଣ କରିଥିବା ବିରମିତ୍ରୋଦୟ ସିଂହଦେଓ ୧୯୦୨ରୁ ୧୯୩୭ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ରାଜ୍ୟର ଶାସନଭାର ସମ୍ଭାଳିଥିଲେ। ତାଙ୍କର ପଞ୍ଚତ୍ରିଶ ବର୍ଷର ଶାସନକାଳକୁ ସୁବର୍ଣ୍ଣପୁରର ସ୍ୱର୍ଣ୍ଣଯୁଗ ବୋଲି କୁହାଯାଏ। ଏହି ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଶିଳ୍ପ, ସାହିତ୍ୟ, ସଂସ୍କୃତି ଓ ପ୍ରଶାସନ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ତାଙ୍କୁ ଆଧୁନିକ ସୁବର୍ଣ୍ଣପୁରର ରୂପକାର ଭାବେ ପ୍ରତିଷ୍ଠିତ କରିଛି।

ଶିକ୍ଷାକୁ ସମାଜର ପ୍ରଗତିର ମୂଳଦୁଆ ବୋଲି ବିଶ୍ୱାସ କରି ସେ ବିଦ୍ୟାଳୟ ସ୍ଥାପନ, ବାଳିକା ଶିକ୍ଷାର ପ୍ରସାର, ଛାତ୍ରାବାସ ଓ ଶିକ୍ଷା ପାଣ୍ଠି ପ୍ରତିଷ୍ଠା କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଏମ୍.ଏ. ପାଠ୍ୟକ୍ରମ ଏବଂ ରେଭେନ୍ସା କଲେଜର ବିକାଶରେ ତାଙ୍କର ଅବଦାନ ଓଡ଼ିଆ ଭାଷା ଓ ଶିକ୍ଷା ପ୍ରତି ତାଙ୍କର ଗଭୀର ଅନୁରାଗର ପ୍ରମାଣ।

କୃଷି, ସ୍ୱାସ୍ଥ୍ୟ ଓ ଗ୍ରାମୀଣ ଅର୍ଥନୀତିର ବିକାଶରେ ମଧ୍ୟ ସେ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ନେଇଥିଲେ। ଜଳସେଚନ ବ୍ୟବସ୍ଥା, କୃଷି ଋଣ, ଆୟୁର୍ବେଦିକ ଚିକିତ୍ସା, ଶସ୍ୟାଗାର ଏବଂ ସୋନପୁରୀ ହସ୍ତତନ୍ତ ସମେତ କୁଟୀର ଶିଳ୍ପର ବିକାଶ ମାଧ୍ୟମରେ ସେ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିଥିଲେ।

ଜଣେ ସଫଳ ଶାସକ ହେବା ସହିତ ସେ ଥିଲେ ସାହିତ୍ୟପ୍ରେମୀ, ସଂସ୍କୃତ ପଣ୍ଡିତ ଓ ଓଡ଼ିଆ ଭାଷାର ନିଷ୍ଠାବାନ ସମର୍ଥକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ ତାଙ୍କର ସହଯୋଗ ଏବଂ ଓଡ଼ିଆ ଭାଷାର ମର୍ଯ୍ୟାଦା ପ୍ରତିଷ୍ଠାରେ ତାଙ୍କର ଭୂମିକା ଚିରସ୍ମରଣୀୟ। ସର୍ବଧର୍ମ ସମନ୍ୱୟ, ସାମାଜିକ ସୌହାର୍ଦ୍ଦ ଓ ଲୋକକଲ୍ୟାଣମୂଳକ ଶାସନ ତାଙ୍କର ବ୍ୟକ୍ତିତ୍ୱକୁ ଆହୁରି ଉଜ୍ଜ୍ୱଳ କରିଥିଲା।

ଆଜି ସୁବର୍ଣ୍ଣପୁରର ବିକାଶ, ଶିକ୍ଷା ଓ ସାଂସ୍କୃତିକ ପରିଚୟର ବିଭିନ୍ନ କ୍ଷେତ୍ରରେ ମହାରାଜା ବିରମିତ୍ରୋଦୟ ସିଂହଦେଓଙ୍କ ଦୂରଦୃଷ୍ଟି ଓ ସାଧନାର ପ୍ରତିଫଳନ ସ୍ପଷ୍ଟ ଦେଖାଯାଏ। ତାଙ୍କର ଜୀବନ ଆମକୁ ଶିଖାଏ ଯେ, ଜଣେ ଶାସକଙ୍କ ପ୍ରକୃତ ମହାନତା ତାଙ୍କର ଐଶ୍ୱର୍ଯ୍ୟରେ ନୁହେଁ, ବରଂ ପ୍ରଜାଙ୍କ ଶିକ୍ଷା, କଲ୍ୟାଣ ଓ ସମୃଦ୍ଧି ପ୍ରତି ତାଙ୍କର ଅବିଚଳ ନିଷ୍ଠାରେ ନିହିତ।

ମହାରାଜା ବିରମିତ୍ରୋଦୟ ସିଂହଦେଓଙ୍କ ୧୫୩ତମ ଜୟନ୍ତୀରେ ତାଙ୍କ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି।

ସିତାଂଶୁ ଶେଖର ମିଶ୍ର, ଶାନ୍ତି ନଗର,ସୋନପୁର

ଜହ୍ନ ପ୍ରେମ ଭାରି ମିଠା

କୁମାର ପୂର୍ଣ୍ଣମୀ ଦିନ ତିନି ତିନିଟା ଗାଡି ଲାଗିଗଲା ଘର ଆଗରେ । ତିନିଭଉଣୀ ଓ ତାଙ୍କ ତିନି ସ୍ୱାମୀଙ୍କ ସହ ପିଲାମାନଙ୍କୁ ଦେଖି ଆନନ୍ଦରେ ଅଧୀର ହୋଇ ଉଠିଲେ ପଦ୍ମା । ସମସ୍ତେ କିଛି ପାନୀୟ ଓ ଅଳ୍ପ ଟିଫିନ ଖାଇ ବାହାରି ପଡିଲେ ପୁରୀ । ସତରେ ଭାରି ଆକର୍ଷଣୀୟ ଏଇ ସହରଟି । ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାଙ୍କ ଦର୍ଶନ ସହ ସମୁଦ୍ରକୂଳ ପରିଭ୍ରମଣର ଖୁସି ଭାରି ନିଆରା । ସମସ୍ତେ ତରତର । ଶାଢ଼ୀ ଚୁଡ଼ି ଟିକିଲି ପିନ୍ଧିବାକୁ କୁମାରପୂର୍ଣ୍ଣମୀଟାରେ ସମୟ ଦେଉନଥାନ୍ତି ପଦ୍ମାଙ୍କୁ । ଦର୍ଶନ ସାରି ଜହ୍ନ ଉଇଁବା ପୂର୍ବରୁ ସମୁଦ୍ର କୂଳରେ ପହଞ୍ଚିବାକୁ ପଡିବ ନହେଲେ ଜହ୍ନକୁ ହାତମୁଠାରେ ରଖି ଫୋଟୋ ଉଠାଇବା ସମ୍ଭବ ନୁହେଁ । ସମସ୍ତଙ୍କ ଖୁସିରେ ସାମିଲ ହୋଇ ପଦ୍ମା ଭାବୁଥିଲେ ସେଇ ଝିଅଟି ଜହ୍ନର କଥା । ଯିଏ ପ୍ରତିଦିନ ତାଙ୍କ ଘର ଆଗପଟେ ଥିବା ଘର ବାଲକୋନିରେ ବସିରହେ ଓ ଦେଖିଲେ ଫିକ କରି ହସିଦିଏ । ପିଲାମାନେ କିଏ କୁଆଡେ । ଝିଅ ଏଇ ଓଡିଶାରେ ଥିଲେ ବି ସୁଦୂର କୋରାପୁଟରେ ତ ତା ଟିକି ଝିଅ ଡୁଗୁକୁ ଦେଖିବା ଯେତିକି ମୁସ୍କିଲ,ପୁଅ ବୋହୁ ଦିଲ୍ଲୀରେ ରହିଲେ ଛୋଟ ନାତି ବାବାକୁ ନେଇ ଯେ ତାକୁ ମଧ୍ୟ ଦେଖିବା ଅସମ୍ଭବ ତ ବାଳାକୋନିରେ ବସିଥିବା ଝିଅଟିକୁ ଦେଖି ମାୟା ଜାଗେ, ମମତା ଆସେ ତ ସେଦିନ ଝିଅଟି କହିଥିଲା ମୋ ଜନ୍ମଦିନକୁ ଆସିବନା ଆମ ଘରକୁ ଆଣ୍ଟି!ହଁ ନିଶ୍ଚୟ । ଅଙ୍କଲଙ୍କୁ ମଧ୍ୟ ଆଣିବ । ଝିଅଟି କହିଥିବା ଦିନରେ ପହଞ୍ଚିଥିଲେ ପଦ୍ମା ସ୍ୱାମୀଙ୍କୁ ନେଇ । ଗହଳି ଚହଳି ନାହିଁ କି ସେମିତି କେହି ବନ୍ଧୁବାନ୍ଧବ ଦିଶୁନାହାଁନ୍ତି ଦେଖି ଝିଅଟି କଥାରେ ବିଶ୍ୱାସ ରଖି ଆସିବା ବୋଧେ ଉଚିତ ହୋଇନି ଭାବି ଡରି ଡରି ଫେରିଆସିବାକୁ ବସିଛନ୍ତି ପଦ୍ମା,ଜହ୍ନ ଚମକେଇ ଦେଲା ଆଉ ଆମ ପାଟିରୁ ବାହାରି ପଡିଲା ହାପି ବାର୍ଥ ଡେ ଡ଼ିଅର ବେବି ଜହ୍ନ । ଝିଅଟିର ନାଆଁ ଜହ୍ନ ହିଁ ଥିଲା ନା ।

ମାଆ ତାର ଆସିଲେ । ବ୍ୟସ୍ତ ବିବ୍ରତ ଲାଗୁଥି

ବାୟୁ ସେନାରେ ସାମିଲ ହେବେ ମାଲକାନଗିରିର ଯୁବପିଢ଼ି

ଅଗ୍ନିବୀର ପଞ୍ଜୀକରଣ ପାଇଁ ଜିଲ୍ଲା ପ୍ରଶାସନର ମେଗା ସଚେତନତା ଅଭିଯାନ

ମାଲକାନଗିରି,୯।୭ (ଆନିସ): ଭାରତୀୟ ବାୟୁ ସେନାରେ ଦେଶର ଯୁବଶକ୍ତିଙ୍କ ସହଭାଗିତାକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଅଗ୍ନିବୀର ବାୟୁ ନିଯୁକ୍ତି ପାଇଁ ଚାଲିଥିବା ଅନଲାଇନ ପଞ୍ଜୀକରଣ ପ୍ରକ୍ରିୟାକୁ ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ଭର୍ଚୁଆଲ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକକୁ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ଗୁପ୍ତ ମାଢ଼ି ପରିଚାଳନା କରିବା ସହ ଜିଲ୍ଲାର ସମସ୍ତ ଡିଗ୍ରୀ କଲେଜ, ଆଇଟିଆଇ ଏବଂ ପଲିଟେକ୍ନିକ ଅନୁଷ୍ଠାନର ଅଧ୍ୟକ୍ଷ ଓ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଅନଲାଇନ ଆବେଦନ ଶୈଳୀ, ଆବଶ୍ୟକୀୟ ଯୋଗ୍ୟତା ମାନଦଣ୍ଡ, ପ୍ରମୁଖ ଦଲିଲପତ୍ର ଏବଂ ଆଗାମୀ ନିଯୁକ୍ତି ରାଲି ସମ୍ବନ୍ଧୀୟ ସମସ୍ତ ବୈଷୟିକ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ବୈଠକରେ ଉପସ୍ଥିତ ଶିକ୍ଷାନୁଷ୍ଠାନର ମୁଖ୍ୟମାନଙ୍କୁ ସମ୍ବୋଧିତ କରି ମାଲକାନଗିରି ଜିଲ୍ଲାପାଳ ଶ୍ରୀ ରାଜସିର୍କେ ଜିଲ୍ଲାର ଯୋଗ୍ୟ ୨ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ସର୍ବାଧିକ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାର ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀ ଯେପରି ଏହି ସୁଯୋଗରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସର୍ବାଧିକ ପଞ୍ଜୀକରଣ ସୁନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେବା ସହ ପ୍ରତି ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଏବଂ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଭାବେ ପ୍ରେରିତ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଦେଶସେବା କରିବା ଏବଂ ଭାରତୀୟ ବାୟୁ ସେନାର ଅଂଶ ହେବା ପ୍ରତ୍ୟେକ ଯୁବକଙ୍କ ପାଇଁ ଏକ ଗୌରବର ବିଷୟ। ମାଲକାନଗିରି ଜିଲ୍ଲାର ଯୁବପିଢ଼ିଙ୍କ ମଧ୍ୟରେ ଅଦମ୍ୟ ପ୍ରତିଭା ଓ ସାହସ ରହିଛି। ଜିଲ୍ଲାର କୌଣସି ବି ଯୋଗ୍ୟ ପ୍ରାର୍ଥୀ ଯେପରି ସଠିକ୍? ସୂଚନା ବା ମାର୍ଗଦର୍ଶନ ଅଭାବରୁ ଏହି ସୁବର୍ଣ୍ଣ ସୁଯୋଗରୁ ବଞ୍ଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ନିଜ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କୁ ସକ୍ରିୟ ଭାବେ ପ୍ରେରିତ କରନ୍ତୁ ଏବଂ ସେମାନଙ୍କର ଅନଲାଇନ ପଞ୍ଜୀକରଣ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରନ୍ତୁ ବୋଲି ଜିଲ୍ଲାପାଳ ଆହ୍ୱାନ କରିଛନ୍ତି।

ବୈଠକରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କମାଣ୍ଡିଂ ଅଫିସର ସଞ୍ଜୟ ପଟ୍ଟନାୟକ ପର୍ଯ୍ୟାୟକ୍ରମେ ପଞ୍ଜୀକରଣ ପ୍ରକ୍ରିୟା ବିଷୟରେ ବ୍ୟାଖ୍ୟା କରିବା ସହ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ଉଚିତ ସହଯୋଗ ଯୋଗାଇବା ପାଇଁ ସମସ୍ତ ଅନୁଷ୍ଠାନଗୁଡ଼ିକୁ ଅନୁରୋଧ କରିଥିଲେ।

ସୂଚନାଯୋଗ୍ୟ ଯେ, ଅଗ୍ନିବୀର ବାୟୁ ନିଯୁକ୍ତି ପାଇଁ ଅନଲାଇନ ପଞ୍ଜୀକରଣର ଅବଧି ୦୬ ଜୁଲାଇ ୨୦୨୬ ରୁ ୨୬ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ମାଲକାନଗିରି ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି କାର୍ଯ୍ୟାଳୟ ଏହି ପଞ୍ଜୀକରଣର ଦୈନନ୍ଦିନ ପ୍ରଗତି ଉପରେ ତୀକ୍ଷ୍ଣ ନଜର ରଖିବ ଏବଂ ସମସ୍ତ ଆବେଦନକାରୀଙ୍କୁ ଆବଶ୍ୟକୀୟ ବୈଷୟିକ ସହାୟତା ଯୋଗାଇ ଦେବା। ଜିଲ୍ଲା ପ୍ରଶାସନର ଏହି ପ୍ରଶଂସନୀୟ ପଦକ୍ଷେପ ଯୋଗୁଁ ଚଳିତ ବର୍ଷ ଅଗ୍ନିବୀର ବାୟୁ ନିଯୁକ୍ତି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାରୁ ରେକର୍ଡ ସଂଖ୍ୟକ ଯୋଗ୍ୟ ୨ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଆବେଦନ କରିବେ ବୋଲି ଆଶା ପ୍ରକଟ କରାଯାଇଛି।

ମାଲକାନଗିରିର ୭ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା: ୧୩୨୦ ଛାତ୍ରୀଙ୍କୁ ମିଳିବ ସୁରକ୍ଷା କବଚ

ମାଲକାନଗିରି, ୯।୭ (ଆନିସ): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଅଭିଯାନ ଆରମ୍ଭ କରାଯାଇଛି। ଜିଲ୍ଲାର ୭ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅଧ୍ୟୟନରତ ୧୩୨୦ ଜଣ ଛାତ୍ରୀଙ୍କୁ ମ୍ୟାଲେରିଆ ଭଳି ମାରାତ୍ମକ ରୋଗରୁ ରକ୍ଷା କରିବା ପାଇଁ ଏହି ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ ହୋଇଛି।

ବର୍ତ୍ତମାନ ସୁଦ୍ଧା ୨ଟି ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପୂର୍ଣ୍ଣ ହୋଇଥିବାବେଳେ, ଆସନ୍ତା ୨ ରୁ ୩ ଦିନ ମଧ୍ୟରେ ଅବଶିଷ୍ଟ ୫ଟି ବିଦ୍ୟାଳୟରେ ଏହି ପ୍ରକ୍ରିୟା ଶେଷ କରାଯିବା ପ୍ରତ୍ୟେକ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ସ୍ଥିତିକୁ ଅନୁଧ୍ୟାନ କରି ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ଏବଂ ପରାମର୍ଶ ପ୍ରଦାନ କରିବାକୁ ସ୍ୱାସ୍ଥ୍ୟ ବିଭାଗର ଟିମ୍? କାର୍ଯ୍ୟ କରୁଛନ୍ତି। ଏହି ଅଭିଯାନ ସମ୍ପର୍କରେ ମାଲକାନଗିରି ଜିଲ୍ଲାପାଳ କହିଛନ୍ତି ଯେ ବାଳିକାମାନଙ୍କର ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଜିଲ୍ଲା ପ୍ରଶାସନର ପ୍ରାଥମିକତା। ବିଦ୍ୟାଳୟରେ ପଢୁଥିବା ଛାତ୍ରୀମାନେ ଯେପରି ସୁସ୍ଥ ରହି ନିର୍ଭୟରେ ନିଜର ଶିକ୍ଷା ଜାରି ରଖିପାରିବେ, ସେଥିପାଇଁ ମ୍ୟାଲେରିଆ ନିରାକରଣ ପାଇଁ ଏହି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। କୌଣସି ବି ଛାତ୍ରୀ ଯେପରି ଚିକିତ୍ସାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ଜିଲ୍ଲା ପ୍ରଶାସନର ଏହି ତ୍ୱରିତ ଏବଂ ସମ୍ବେଦନଶୀଳ ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଛନ୍ତି। ଏହାଦ୍ୱାରା ଛାତ୍ରୀମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇବା ସହ ଶିକ୍ଷା ବାତାବରଣ ଅଧିକ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

ଆସିକା ବିଜେଡି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ସରକାରଙ୍କ ମନ୍ତ୍ର ଉଣା ଫୁଙ୍କା ଟାଣ ନିତୀ

ଆସିକା,୯।୭ (ଆନିସ): ଆସିକା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ଗତକାଲି ଠାରୁ ଗଣଧାରଣା ପ୍ରତିବାଦ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆସିକା ବ୍ଲକ ପ୍ରଶାସନର ମନୋମୁଖୀ କାର୍ଯ୍ୟକୁ ନେଇ ବାଧ ହୋଇ ନିର୍ବାଚିତ ପଚାଂୟତ ପ୍ରତିନିଧି ଗଣଧାରଣାରେ ବସିଛନ୍ତି । ଦିର୍ଘ ଦିନ ଧରି ବ୍ଲକରେ ପଚାଂୟତ ସମିତି ବୈଠକ ନକରିବା, ନିର୍ବାଚିତ ପଚାଂୟତ ପ୍ରତିନିଧିଙ୍କୁ ଅଣଦେଖା କରିବା ଏବଂ ବକେୟା ବିଲ ପୈଠ କରିବା ନେଇ ପ୍ରତିବାଦ ବିଜେଡି ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା କରାଯାଇଛି । ଏ?ହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଆସିକା ପୁର୍ବତନ ମନ୍ତ୍ରୀ ତଥା ବିଧାୟକ ରାଘବ ପରିଡା, ଆସିକା ବିଜେଡି ବ୍ଲକ ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚି, ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରା, ଜିଲ୍ଲା ପରିଷଦ ଅନିମା ପରିଡା, ବିଜୁ ଜନତା ଦଳର ଜିଲ୍ଲା ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ତଥା କେନ୍ଦୁପଦର ସରପଚଂ ଭବାନୀ ଶଙ୍କର ମଳିକ, ସନ୍ତୋଷ କୁମାର ନାୟକ, ଜୟସେନ ସ୍ୱାଇଁ, ଯୁବ ବିଜେଡି ନେତା ଭରତ ନାହକ, ମନୋଜ କୁମାର ପରିଡା ସମେତ ବହୁ ଦଳୀୟ ନେତା ଓ ନିର୍ବାଚିତ ପଚାଂୟତ ପ୍ରତିନିଧି ଯୋଗ ଦେଇଥିଲ । ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ବିଜେଡିର ତାର ସଂଗ୍ରାମ ଜାରି କରିବା ସହିତ ଆସିକାରେ ଚାଲିଥିବା ଅନ୍ୟାୟ, ଦୁର୍ନିତୀ ବନ୍ଦ ନହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ତେଜିବ ତିବ୍ର ବିରୋଧ କରାଯାଇଥିଲ । ଏହି କାର୍ଯ୍ୟକ୍ରମରେ ପୁର୍ବତନ ମନ୍ତ୍ରୀ ରାଘବ ପରିଡା ନିଖୀଳ ଉତ୍କଳ କୃଷକ ଭାବେ ଧାରଣାରେ ଯୋଗ ଦେଇଥିବା ପ୍ରତିକ୍ରିୟା ରଖିଥିଲେ । ସରକାର ଜାଣିଶୁଣି ଲୋକଙ୍କୁ ହଇରାଣ କରୁଛନ୍ତି । ସମସ୍ତ ଜନସାଧାରଣଙ୍କୁ ଏହି ସରକାର ପଙ୍ଗୁ କରୁଛନ୍ତି । ଲୋକଙ୍କ ଟିକସରେ ଚାଲୁଥିବା ସରକାର ଲୋକଙ୍କୁ ଦେବାରେଦଖା କରୁଛନ୍ତି । ତାକୁ ନେଇ ଚିନ୍ତିତ କରି ପ୍ରତିକ୍ରିୟା ରଖିଛନ୍ତି । ବିଦ୍ୟାଳୟ ପାଠ୍ୟ ପୁସ୍ତକରେ ଭୁଲ ଛାପିବା, ମେଡିକାଲରେ ଡାକ୍ତର ଅଭାବ, ମେଡିକାଲ କଲେଜ ଖୋଲିଲେ କିନ୍ତୁ ପରିଚାଳନାରେ ତ୍ରୁଟି, ତେଣୁ ସରକାର ମନ୍ତ୍ର ଉଣା ଫୁଙ୍କା ଟାଣ ନିତିରେ କାର୍ଯ୍ୟ କରୁଛନ୍ତି । ତେଣୁ ଆଜି ଯେଉଁ ବିଜେଡି ପକ୍ଷରୁ ଧାରଣା ଦିଆଯାଉଛି ତାର ଯଥାର୍ଥ ରହିଛି । ଯେ ପର୍ଯ୍ୟନ୍ତ ଦାବୀ ପୂରଣ ହୋଇନି ସେ ପର୍ଯ୍ୟନ୍ତ ଗଣଧାରଣା ଜାରି ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ ।

ଲାଞ୍ଚ ମାମଲାରେ ଜେଲ ଗଲେ ଖଣି ଉପନିର୍ଦ୍ଦେଶକ ସତ୍ୟଜିତ ରାଉତ

ଜୟପୁର,୯।୭ (ଆନିସ): ଦୁଇ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଥିବା ଜୟପୁରସ୍ଥିତ ଖଣି ଉପନିର୍ଦ୍ଦେଶକ ସତ୍ୟଜିତ ରାଉତଙ୍କୁ ବୁଧବାର ଅଦାଲତରେ ହାଜର କରାଯିବା ପରେ ଜେଲକୁ ପଠାଯାଇଛି। ଏହି ଘଟଣା ପରେ ଖଣି ବିଭାଗରେ ଚର୍ଚ୍ଚା ଜୋର ଧରିଛି। ଭିଜିଲାନ୍ସ ସୂତ୍ରରୁ ପ୍ରକାଶ ଯେ, ଜଣେ ବାଲି ବ୍ୟବସାୟୀଙ୍କ ଲିଜ ବୃଦ୍ଧି କରାଇବା ଏବଂ ଭବିଷ୍ୟତରେ ବାଲିଘାଟ ନିଲାମରେ ସୁବିଧା ଯୋଗାଇ ଦେବା ପାଇଁ ସତ୍ୟଜିତ ରାଉତ ଦୁଇ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ସମ୍ପୃକ୍ତ ଲିଜଧାରୀ ନିଲାମ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ଅର୍ଥ ଜମା କରିଥିଲେ ମଧ୍ୟ, କୌଣସି ଯଥାର୍ଥ କାରଣ ନଥାଇ ଲିଜ ବୃଦ୍ଧି ପ୍ରକ୍ରିୟାକୁ ବିଳମ୍ବ କରାଯାଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ଜୟପୁର ଭିଜିଲାନ୍ସ ପକ୍ଷରୁ ଫାନ୍ଦ ପକାଯାଇଥିଲା। ସତ୍ୟଜିତ ରାଉତ ଦୁଇ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ତାଙ୍କୁ ରଙ୍ଗେହାତ କାବୁ କରାଯାଇଥିଲା। ତାଙ୍କ ନିକଟରୁ ଦୁଇ ଲକ୍ଷ ଟଙ୍କା ଜବତ କରାଯାଇଥିବା ବେଳେ ଜୟପୁରସ୍ଥିତ ବାସଭବନରୁ ନଗଦ ୨ ଲକ୍ଷ ୯୦ ହଜାର ଟଙ୍କା ମିଳିଥିଲା। ଏହାସହ କଟକ ଜିଲ୍ଲାର ବିଦ୍ୟାଧରପୁର, ମାହାଙ୍ଗା ବ୍ଲକର ଓଳକଣାସ୍ଥିତ ବାସଭବନ ଏବଂ ବିଭିନ୍ନ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ମୋଟ ୬ ଲକ୍ଷ ୯୦ ହଜାର ଟଙ୍କା ନଗଦ ଜବତ ହୋଇଥିବା ସୂଚନା ମିଳିଛି। ତାଙ୍କ ସମ୍ପର୍କିତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଭିଜିଲାନ୍ସର ତଲାସି ଜାରି ରହିଛି। ଜୟପୁର ଭିଜିଲାନ୍ସ ଏସ୍?ପି ଏସ ସୁଶ୍ରୀ କହିଛନ୍ତି ଯେ, ଏହି ମାମଲାରେ ତଦନ୍ତ ଚାଲିଛି ଏବଂ ତଦନ୍ତ ଆଧାରରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଧିକାଂଶ ଯୋଗ୍ୟ ହିତାଧିକାରୀ ବାଦ

ଅଭିଯୋଗ ଆଣିଲେ ତଣ୍ଡିପୁର ସରପଞ୍ଚ ରିତା ପାତ୍ର

ପାତ୍ରପୁର,୯।୭ (ଆନିସ): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇଥିବା ଅଭିଯୋଗକୁ ନେଇ ପାତ୍ରପୁର ବ୍ଲକର ତଣ୍ଡିପୁର ପଞ୍ଚାୟତରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୪ ମସିହାର ତାଲିକାରେ ସ୍ଥାନ ପାଇଥିବା ଅନେକ ଯୋଗ୍ୟ ହିତାଧିକାରୀଙ୍କ ନାମ ବର୍ତ୍ତମାନ ପ୍ରକାଶିତ ଆବାସ ତାଲିକାରୁ ବାଦ ପଡ଼ିଥିବା ନେଇ ତଣ୍ଡିପୁର ସରପଞ୍ଚ ରିତା ପାତ୍ର ପାତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ, ୨୦୨୪ ମସିହାରେ ଯୋଗ୍ୟ ବିବେଚିତ ହୋଇଥିବା ହିତାଧିକାରୀମାନଙ୍କ ନାମ ବର୍ତ୍ତମାନର ତାଲିକାରୁ କେଉଁ ଆଧାରରେ ବାଦ ଦିଆଗଲା ସେନେଇ ପ୍ରଶ୍ନ ଉଠିଛି। ସେ ଏହାର ସଠିକ ଯାଞ୍ଚ କରି ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି।

ଅନ୍ୟପଟେ ତଣ୍ଡିପୁର ଗ୍ରାମରେ ପ୍ରାୟ ୬୦୦ ଲୋକ ବସବାସ କରୁଥିବା ସତ୍ତ୍ୱେ ନୂତନ ଆବାସ ତାଲିକାରେ କେବଳ ୫ ଜଣଙ୍କ ନାମ ରହିଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ତାଲିକା ପ୍ରସ୍ତୁତି ପ୍ରକ୍ରିୟାର ସ୍ୱଚ୍ଛତା ଏବଂ ଚୟନରେ ମାନଦଣ୍ଡକୁ ନେଇ ମଧ୍ୟ ବିଭିନ୍ନ ପ୍ରଶ୍ନ ଉଠୁଛି।ପ୍ରଶାସନ ତୁରନ୍ତ ଏହି ଅଭିଯୋଗର ନିରପେକ୍ଷ ତଦନ୍ତ କରି ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କ ତାଲିକାର ପୁନଃ ସମୀକ୍ଷା କରିବା ସହିତ ତାଲିକା ପ୍ରସ୍ତୁତିର ସମସ୍ତ ପ୍ରକ୍ରିୟାକୁ ସାର୍ବଜନୀନ କରି ଲୋକଙ୍କ ସନ୍ଦେହ ଦୂର କରିବାକୁ ମଧ୍ୟ ଦାବି କରିଛନ୍ତି ତଣ୍ଡିପୁର ସରପଞ୍ଚ ରିତା ପାତ୍ର। ଏନେଇ ପାତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନଙ୍କ ସହିତ ଯୋଗାଯୋଗ କରିବାରୁ ସରପଞ୍ଚ ନିଜେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

ବାଦପୁର ଆଦର୍ଶ ଶିକ୍ଷକ ପଦବୀ ପୂରଣ ଲାଗି ଅଭିଭାବକଙ୍କ ଦାବି

ପାତ୍ରପୁର,୯।୭ (ଆନିସ): ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ବାଦପୁରସ୍ଥିତ ଆଦର୍ଶ ବିଦ୍ୟାଳୟରେ ଦୀର୍ଘଦିନ ଧରି ୯ଟି ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ କରି ଅଭିଭାବକମାନେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଗତ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଅଭିଭାବକ ବୈଠକରେ ଏହି ପ୍ରସଙ୍ଗକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ଆଦର୍ଶ ବିଦ୍ୟାଳୟରେ ପାଠ ପଢୁ ଥିବା ବେଳେ ଅଭିଭାବକଙ୍କ ପକ୍ଷରୁ ପିଲାଙ୍କ ପାଠ ପଢା ନେଇ ଗଭୀର ଚିନ୍ତିତ ରହିଛନ୍ତି।

ଅଭିଭାବକ ସୁରେଶ ଚନ୍ଦ୍ର ଦ୍ୟାନ ସାମନ୍ତରା କହିଥିଲେ ଯେ ପାତ୍ରପୁର ଅଞ୍ଚଳରେ ଗୁଣାତ୍ମକ

ଶିକ୍ଷା ପ୍ରଦାନ କରୁଥିବା ଏହି ଶିକ୍ଷାନୁଷ୍ଠାନରେ ଏତେ ସଂଖ୍ୟକ ଶିକ୍ଷକ ପଦବୀ ଖାଲି ରହିବା ଚିନ୍ତାର ବିଷୟ। ପାଲଟିଛି। ପ୍ରାୟ ନଅଟି ଶିକ୍ଷକ ପଦ ଖାଲି ପଡ଼ିଥିବା ବେଳେ ଏହାର ସିଧାସଳଖ ପ୍ରଭାବ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ପଡିଥିବାରୁ ଖାଲି ପଡିଥିବା ଶିକ୍ଷକ ପଦବୀ ଶୀଘ୍ର ପୂରଣ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି ଖାଲିଥିବା ଶିକ୍ଷକ ପଦବୀ ଶୀଘ୍ର ପୂରଣ ନହେଲେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରଭାବିତ ହେବ ବୋଲି ମଧ୍ୟ ସେମାନେ ମତ ପ୍ରକାଶ କରିଥିଲେ।

ଜନ୍ମ ପ୍ରମାଣପତ୍ର ନଥିବାରୁ ନବମରେ ନାମଲେଖାକୁ ମନା

- **ବାପଛେଉଣ୍ଡ, ପୁଅର ଭବିଷ୍ୟତକୁ ନେଇ ବିଧବା ଦିବ୍ୟାଙ୍ଗ ମାଙ୍କ ଚିନ୍ତା**
- **ଡ୍ରପ୍‌ଆଉଟ୍ ରୋକିବା ନୀତି ଉପରେ ଉଠିଲା ପ୍ରଶ୍ନ**

ମୁନିଗୁଡା,୯।୭(ଆନିସ): ଗରିବ, ବାପଛେଉଣ୍ଡ ଓ ବିଧବା ଦିବ୍ୟାଙ୍ଗ ମାଙ୍କ ପୁଅ। ଆଖିରେ ପଢ଼ି ମଣିଷ ହେବାର ସ୍ୱପ୍ନ। ହେଲେ ସେହି ସ୍ୱପ୍ନ ଏବେ ଜନ୍ମ ପ୍ରମାଣପତ୍ର ଅଭାବରେ ଅଟକି ଯାଇଥିବା ଅଭିଯୋଗ ଆସିଛି। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ଇନ୍ଦିରା ସାହିର ବିର ବାଗଙ୍କୁ ନବମ ଶ୍ରେଣୀରେ ନାମଲେଖା ନକରି ଫେରାଇ ଦିଆଯାଇଥିବା ଅଭିଯୋଗ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୋଗ ଅନୁସାରେ, ବିର ବାଗଙ୍କ ପିତା ଆରକି ବାଗଙ୍କ ଦେହାନ୍ତ ପରେ ଦିବ୍ୟାଙ୍ଗ ବିଧବା ମା ନୀଲେନ୍ଦ୍ରୀ ବାଗ ଦୁଃଖକଷ୍ଟରେ ପୁଅର ପାଠପଢ଼ା ଚଳାଇ ଆସୁଛନ୍ତି। ଚଳିତ ଶିକ୍ଷାବର୍ଷରେ ସେ ଅମ୍ବାଦଳା ମଙ୍ଗଳ ବିଭାଗୀୟ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନବମ ଶ୍ରେଣୀରେ ନାମଲେଖା ପାଇଁ ଯାଇଥିଲେ। କିନ୍ତୁ ଜନ୍ମ ପ୍ରମାଣପତ୍ର ନଥିବା ଦର୍ଶାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତି

ମହାନଦୀ ତଟରେ ବାୟୋ-ମେଡିକାଲ ବର୍ଜ୍ୟ ଖୋଲା ସ୍ଥାନରେ ପକାଇବା ଘଟଣା

ବିଦ୍ୟା ବିକାଶ ହସ୍ପିଟାଲକୁ କାରଣ ଦର୍ଶାଅ ନୋଟିସ

ସମ୍ବଲପୁର:୯।୭(ଆନିସ): କଚେରୀ ଛକ ନିକଟସ୍ଥ ମହାନଦୀ ବିସର୍ଜନ ପୋଖରୀ ନିକଟରେ ବାୟୋ-ମେଡିକାଲ ବର୍ଜ୍ୟ ଖୋଲା ସ୍ଥାନରେ ପକାଯାଇଥିବା ନେଇ ଖବର ମିଳିବା ପରେ ସମ୍ବଲପୁର ମହାନଗର ନିଗମ କମିଶନର ରେହାନ ଖାତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହାର ତଦନ୍ତ ଆରମ୍ଭ ହୋଇଛି।

ମହାନଗର ନିଗମ ର ଏକ ଟିମ୍ ପ୍ରବର୍ତ୍ତନ ଅଧିକାରୀ (ସ୍ୱଚ୍ଛତା)ଙ୍କ ନେତୃତ୍ୱରେ ସ୍ୱଚ୍ଛତା ଦଳ ଘଟଣାସ୍ଥଳରେ ଯାଇ ତଦନ୍ତ କରିଥିଲେ। ପ୍ରାଥମିକ ତଦନ୍ତ ଓ ସଂଗୃହୀତ ପ୍ରମାଣ ଅନୁସାରେ ଫିଙ୍ଗା ଯାଇଥିବା ସନ୍ଦେହ

ଉକ୍ତ ବାୟୋ-ମେଡିକାଲ ବର୍ଜ୍ୟ ବିଦ୍ୟା ବିକାଶ ହସ୍ପିଟାଲ ପକ୍ଷରୁ ହେଉଛି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଏବଂ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ, ସମ୍ବଲପୁରଙ୍କୁ ତତ୍କାଳ ଅବଗତ କରାଯାଇଛି, ଯାହାଦ୍ୱାରା ବିସ୍ତୃତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ବିଦ୍ୟା ବିକାଶ ହସ୍ପିଟାଲ କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେମାନଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦାଖଲ କରିବାକୁ କୁହାଯାଇଛି। ସୂଚନା ଯୋଗ୍ୟ ଯେ ଗତ କାଲି କଚେରୀ ଛକ ନିକଟରେ ରିଂରୋଡ ମହାନଦୀ ତଟରେ ବାୟୋ-ମେଡିକାଲ ବର୍ଜ୍ୟ ଖୋଲା ସ୍ଥାନରେ ପଡ଼ିଥିବା ଅଭିଯୋଗ ହୋଇଥିଲା।

ସମ୍ବଲପୁର ମହାନଗର ନିଗମ ପରିବେଶ ଓ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ କୌଣସି ପ୍ରକାରର ଅବହେଳାକୁ ସହ୍ୟ କରିବ ନାହିଁ ଏବଂ ସହରର ପରିବେଶ ସୁରକ୍ଷା ଓ ପରିଷ୍କାରତା ରକ୍ଷା ପାଇଁ ଆଗାମୀ ଦିନରେ ମଧ୍ୟ ଏପରି ଅଭିଯାନ ଜାରି ରହିବ।

ବିଡାନାସୀ କୃଷକ ବଜାର ଅଞ୍ଚଳରେ ଭାରୀ ଯାନ ଚଳାଚଳ ଉପରେ କଟକଣା

କଟକ, ୯।୭ (ଆନିସ): କଟକ ସଦର ତହସିଲ ଅନ୍ତର୍ଗତ ବିଡାନାସୀ କୃଷକ ବଜାର ଓ ବିଡାନାସୀ ପୁଲିସ ଷ୍ଟେସନ ଅଞ୍ଚଳରେ ଭାରୀ ବାଣିଜ୍ୟିକ ଯାନ ଓ ଅନ୍ୟାନ୍ୟ ଭାରୀ ଯାନର ନିୟମିତ ଚଳାଚଳ ଯୋଗୁଁ ସାଧାରଣ ଜନତା, ସ୍ଥାନୀୟ ବାସିନ୍ଦା ଓ କୃଷକ ବଜାରକୁ ଆସୁଥିବା ବ୍ୟବସାୟୀ ଓ ଦୈନିକ ବଜାର କରିବାକୁ ଆସୁଥିବା ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଦ୍ରୁତ ଗତିରେ ତଥା ବିପଦଜନକ ଭାବେ ଭାରୀ ଯାନ ଚଳାଚଳ କାରଣରୁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି ଏବଂ ଯାତାୟାତ ବାଧାପ୍ରାପ୍ତ ହେଉଛି । ଜନସାଧାରଣଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଆର.ଟି.ଏ. ଅଧ୍ୟକ୍ଷ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ , ମୋଟର ଯାନ ଆଇନ, ୧୯୮୮ ଓ ଓଡ଼ିଶା ମୋଟର ଯାନ ନିୟମାବଳୀ, ୧୯୯୩ ଅନୁଯାୟୀ ବିଡାନାସୀ କୃଷକ ବଜାର ଭିତର ରାସ୍ତାରେ ଭାରୀ ବାଣିଜ୍ୟିକ ଯାନ ଓ ଅନ୍ୟ ସମସ୍ତ ଭାରୀ ଯାନ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି ।

ଏହି କଟକଣା ଅନୁଯାୟୀ କୃଷକ ବଜାର ଭିତର ରାସ୍ତାରେ ବାଣିଜ୍ୟିକ ଭାରିଯାନ ସମେତ ଅନ୍ୟ କୌଣସି ଭାରିଯାନ ଚଳାଚଳ ବନ୍ଦ ରହିବ । ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଭାରୀ ଯାନଗୁଡ଼ିକ ପାଇଁ ଏହି କଟକଣା ଲାଗୁ ହେବ ନାହିଁ । ଏହି ଅଞ୍ଚଳରେ ଆବଶ୍ୟକୀୟ ସୂଚନା ଫଳକ, ସତର୍କ ସୂଚନା ବୋର୍ଡ ଓ ଟ୍ରାଫିକ ସଙ୍କେତ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି କଟକଣା ୦୮ ଜୁଲାଇ, ୨୦୨୬ ସକାଳ ୫ ଘଟିକା ୦ାରୁ ୦୭ ଅଗଷ୍ଟ, ୨୦୨୬ ପର୍ଯ୍ୟନ୍ତ(୨୪ ଘଣ୍ଟିଆ) ବଳବତ୍ତର ରହିବ । ଜନସାଧାରଣଙ୍କ ସୁରକ୍ଷା, ସୁବିଧା ଓ କୃଷକ ବଜାରରେ ସୁରୁଖୁରୁରେ ବ୍ୟବସାୟ ପରିଚାଳନା ପାଇଁ ସମସ୍ତ ଚାଳକ ଓ ସାଧାରଣ ଲୋକଙ୍କୁ ଏହି ନିର୍ଦ୍ଦେଶ ପାଳନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

ଏନଏସି ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ନୟାଗଡ଼, ୯/୭ (ଆନିସ): ନୟାଗଡ଼ ଜିଲ୍ଲା ସଦର ମହକୁମା ସ୍ଥିତ ଏନଏସି ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ଖଣ୍ଡାଙ୍କ

ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଲୁମିନି କମିଟି ସଭାପତି ଲକ୍ଷ୍ମୀଧର ମହାପାତ୍ର ଅତିଥି ଭାବେ ଯୋଗଦାନ କରି ବୃକ୍ଷ ରୋପଣ କରିବା ଦ୍ୱାରା ପ୍ରକୃତିର ଭାରସାମ୍ୟ ବଜାୟ ରହିବା ସହିତ ଆମେ ବିଶୁଦ୍ଧ ଅମ୍ଳଜାନ ପାଇ ପରିବା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ପକ୍ଷରେ ସମସ୍ତ ଛାତ୍ରଛାତ୍ରୀ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ସାମିଲ ହୋଇ ଗଛ ଲଗାଇବା ସହିତ ଏହାର ଯତ୍ନ ନେବା ଆବଶ୍ୟକ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବୁଝା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ରଥ, ଭବାନୀ କୁମାରୀ ଆଚାର୍ଯ୍ୟ,ରେଜାଲିନ ମିଶ୍ର,ନବଜ୍ୟୋତି ମହାପାତ୍ର,ସୁନିତା ନାୟକ, ସ୍ୱାଗତିକା ଦଳେଇ, ଇଲାଚା ମାଝୀ, ଉମାକାନ୍ତ ମିଶ୍ର, ଲକ୍ଷ୍ମୀଧର ସାହୁ, କାଦମ୍ବିନୀ କରଣ,ଉଷାରାଣୀ ପ୍ରଧାନ, ମାନସ ସାହୁ,ମଞ୍ଜିତ ଜେନା, ଚିତ୍ତରଞ୍ଜନ ବେହେରା ପ୍ରମୁଖ ସହଯୋଗରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଏଥିରେ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ଥିଲେ।

ତବଲାକଟା ବିଦ୍ୟାଳୟ ଠାରେ ବନମହୋତ୍ସବ

କୁଚିଣ୍ଡା୦୯/୦୭(ଆନିସ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଅନ୍ତର୍ଗତ ଡିମିରିମୁଣ୍ଡା ପଞ୍ଚାୟତର ତବଲାକଟା ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ରୋପ ଅନୁଷ୍ଠାନ,ବାଲ ସୁରକ୍ଷା ଇନିସିଏଟିବ (ନୂଆଦିଲ୍ଲୀ) ପ୍ରତେୟକ୍ ନୂଆ ଦିଲ୍ଲୀ ମିଳିତ ଉଦ୍ୟମରେ ବନମହୋତ୍ସବ ପାଳନ କରାଯାଇଅଛି । ସର୍ବ ପ୍ରଥମେ ଶିଶୁ ମାନଙ୍କ ସହିତ ଅତିଥିଗଣ ତବଲାକଟା ଗ୍ରାମଠାରେ ଏକ ସଚେତନତା ପଦଯାତ୍ରା କରାଯାଇଥିଲା ପଦଯାତ୍ରା ମୁଖ୍ୟ ଅତିଥି ସଞ୍ଜୟ କୁମାର ମିଶ୍ର ପତାକା ଦେଖେଇ ଆରମ୍ଭ କରିଥିଲେ । ଏହି

ପଦ ଯାତ୍ରା ସମୟରେ ଶିଶୁମାନେ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ନିଷେଧ, ପାଣି, ବିଜୁଳି ର ଉପଯୁକ୍ତ ବ୍ୟବହାର ଉପରେ ସ୍ଲୋଗାନ ଦେଇ ଗ୍ରାମ ବାସୀଙ୍କୁ ସଚେତନ କରିଥିଲେ । ଏହି ଦିବସ ଉପଲକ୍ଷେ ଏକ ସଚେତନତା ସଭା କରାଯାଇଥିଲା । ରୋପ ସଂଯୋଜକ ବିମଳ ମେହେର ଅତିଥି ପରିଚୟ ପ୍ରଦାନ ଏବଂ କାର୍ଯକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବରେ ବନରକ୍ଷୀ ଝରଣା ମୟାର, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ମାଝୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଧୀର ଛତ୍ରିଆ, ଶିକ୍ଷୟିତ୍ରୀ ପ୍ରଭଞ୍ଜିନି ପଟେଲ, ଆଶା କର୍ମୀ ଶିବାଞ୍ଜଳି ଠାକୁର, ପ୍ରାଣୀମିତ୍ର ମୀନା ଠାକୁର,ତନୟ ମହାପାତ୍ର

ଯୋଗଦାନ କରିଥିଲେ। ଉକ୍ତ ସଭାରେ ଅତିଥିଗଣ ବନମହୋତ୍ସବ ହେଉଛି ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବାର ଏକ ଜାତୀୟ ଅଭିଯାନ।ବୃକ୍ଷରୋପଣ କରି ପରିବେଶକୁ ସବୁଜ ଓ ସୁସ୍ଥ ରଖିବା।ଗଛ ଆମକୁ ଅମ୍ଳଜାନ, ଫଳ, ଔଷଧ, ଛାଇ ଓ ସ୍ୱଚ୍ଛ ପରିବେଶ ପ୍ରଦାନ କରେ। ତେଣୁ କେବଳ ଗଛ ଲଗାଇବା ନୁହେଁ, ସେଗୁଡ଼ିକର ଯତ୍ନ ନେଇ ବଞ୍ଚାଇ ରଖିବା ମଧ୍ୟ ଆମର ଦାୟିତ୍ୱ। ସମସ୍ତେ ମିଶି ଗୋଟିଏ ଲୋକ, ଗୋଟିଏ ଗଛ ସଂକଳ୍ପ ନେବା ଏବଂ ଏକ ସବୁଜ, ସ୍ୱଚ୍ଛ ଓ ସୁନ୍ଦର ଭବିଷ୍ୟତ ଗଢ଼ିବାରେ ସହଯୋଗ କରିବା ଏହା ବକ୍ତବ୍ୟ କରିଥିଲେ । ଏହି ସଚେତନତା ସଭାପରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଏବଂ ଅତିଥି ଗଣ ମିଶି ବିଭିନ୍ନ ପ୍ରକାର ଗଛ ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିଶୁ ଓ ସ୍ୱାମୀ ବିବେକାନନ୍ଦ ର ଶିଶୁ ମାନେ ଉପସ୍ଥିତ ରହିଥିଲେ । ରୋପ କର୍ମକର୍ତ୍ତା ଭୂମିଶ୍ୱେତା ଧୁରୁଆ, ଜୁଲି ମହନ୍ତ ସହଯୋଗ କରିଥିଲେ ।

ମୁଖାପିନ୍ଧା ରକ୍ଷକ ଭକ୍ଷକ ସାଜିଲେ

ସରକାରୀ ଜାଗାରେ ନଗରପାଳଙ୍କ ୩ ମହଲା କୋଠା

ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଫେରାଦ

ନୟାଗଡ, ୯।୭(ଆନିସ): ନୟାଗଡ ମ୍ୟୁନିସିପାଲିଟିର ନଗରପାଳ ନିରୂପମା ଖଟେଇ ନିଜ ପଦବୀର ଅପବ୍ୟବହାର କରି ନିଜ ଘର ପାଖରେ ଥିବା ସରକାରୀ ଜମିରେ ୩ ମହଲା କୋଠା ନିର୍ମାଣ କରିବା ଘଟଣା ଏବେ ନୟାଗଡ ସହରରେ ଆଲୋଚନାର ବିଷୟ ହୋଇଛି । ରକ୍ଷକ ଯଦି ଭକ୍ଷକ ହୁଏ ଏବଂ ବାଡ ଯଦି ଫସଲ ଖାଏ ତାହାହେଲେ ସାଧାରଣ ଲୋକ କିଭଳି ନ୍ୟାୟ ପାଇବେ ତାହା ସାଧାରଣରେ ପ୍ରଶ୍ନ ଉଠିଛି । ନୟାଗଡ ମୁନିସିପାଲିଟି ବୁଲା ବିକାଳି, ସାଧାରଣ ଲୋକ କିମ୍ବା ଗରିବ ଲୋକ ସରକାରୀ ଜାଗା ଜବରଦଖଲ କଲେ ତାଙ୍କୁ ସଙ୍ଗେ ସଙ୍ଗେ ମୁନିସିପାଲିଟି ଡୋଜର ଲଗାଇ ଘର ଭାଙ୍ଗି ଦେଉଛି । କିନ୍ତୁ ଏଠି ଖୋଦ ନଗରପାଳ ନିଜ କ୍ଷମତାର ଅପବ୍ୟବହାର କରି ସରକାରୀ ଜାଗାରେ ବିଶାଳ କୋଠା କରିଛନ୍ତି । ଅଥଚ ମୁନିସିପାଲିଟି କିମ୍ବା ତହସିଲଦାର ଏ ପର୍ଯ୍ୟନ୍ତ ତାଙ୍କୁ ନୋଟିସ ଦେଇନାହାନ୍ତି । ମ୍ୟୁନିସିପାଲିଟି ଗରିବ ଲୋକଙ୍କର ଘର ଭାଙ୍ଗୁଥିବାବେଳେ ଖୋଦ ନଗରପାଳଙ୍କ ଘରକୁ କାହିଁକି ନଭଙ୍ଗାଯିବ ଏବେ ମୁନିସିପାଲିଟି ଉପରେ ସମସ୍ତେ ପ୍ରଶ୍ନ ଉଠାଇଛନ୍ତି ।ଏସମ୍ପର୍କରେ ଅନୁରୂପ ଭାବେ ରାଜସ୍ୱ ମନ୍ତ୍ରୀ, ନୟାଗଡ଼ ଜିଲ୍ଲାପାଳ, ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଓ ନୟାଗଡ଼ ତହସିଲଦାରଙ୍କୁ ମଧ୍ୟ ଅବଗତ କରାଯାଇଛି। ଗତ ପ୍ରାୟ ୮ମାସ ତଳେ ସରକାରୀ ଜମିରେ ୩ ମହଲା କୋଠା କରାଯାଇଥିଲେ ମଧ୍ୟ ନା ମୁନିସିପାଲିଟି ନା ତହସିଲଦାର ନା ଜିଲ୍ଲା ପ୍ରଶାସନ କେହି ହେଲେ ପ୍ରଶ୍ନ ଉଠାଇ ନଥିଲେ ।ଏ ସମ୍ପର୍କରେ ନୟାଗଡ ପୁରୁଣା ସହରର ବରିଷ୍ଠ ନାଗରିକ ପ୍ରମୋଦ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ ।ଅଭିଯୋଗରେ ନୟାଗଡ ତହସିଲ, ମୌଜା ଜାମୁସାହି, କିସମ ପତିତ, ଖାତା ନଂ. ୬୬୨, ପ୍ଲଟ ନଂ. ୧୨୧/୨୯୧୪ରେ ୬୩ ଡେସିମିଲି ଜାଗା ନବୀନ କଲ୍ୟାଣ ମଣ୍ଡପ ପାଇଁ ଉଦ୍ଦିଷ୍ଟ ଥିଲା । ଏହି ୬୩ ଡେସିମିଲିରୁ ୬୦ ଡେସିମିଲି ନବୀନ କଲ୍ୟାଣ ମଣ୍ଡପ ୱାର୍ଡ ନଂ. ୧୨ରେ ନିର୍ମାଣ କରାଯାଇଥିଲା ବେଳେ କଲ୍ୟାଣ ମଣ୍ଡପ ପାଚେରୀ ନିର୍ମାଣ ସମୟରେ ସିଧାସଳଖ ପାଚେରୀ କରାନଯାଇ ପୌରପାଳଙ୍କ ନିଜସ୍ୱ କୋଠା ଥିବାରୁ ସେହିଠାରେ ୩ ଡେସିମିଲି ଜାଗା ଜାଣିଶୁଣି ପୌର ପରିଷଦ ଛାଡି ଦେଇଥିଲେ। ଉକ୍ତ ୩ ଡେସିମିଲି ଜାଗାରେ ଗତ ୮ ମାସ ତଳେ ୩ ମହଲା ବିଶିଷ୍ଟ କୋଠା ସରକାରୀ ଜାଗାରେ ନିର୍ମାଣ କରାଯାଇଛି । ତେବେ ସମ୍ପୃକ୍ତ ଜମିରୁ ପୌର ପାଳ ଓ ତାଙ୍କ ସ୍ୱାମୀଙ୍କୁ ତରି ପ୍ରଶାସନିକ ସ୍ତରରେ ନିରବଦ୍ରଷ୍ଟା ସାଜିଥିଲେ। ଉକ୍ତ ଜବରଦଖଲ ୩ ଡେସିମିଲି ଜାଗାର ମୂଲ୍ୟ ୪୦ଲକ୍ଷ ହୋଇଥିଲେ ବି ଦେବୋତ୍ତର କଲୋନୀସ୍ଥିତ ଏହି ମୂଲ୍ୟବାନ ଜମିକୁ କାହିଁକି ବେଦଖଲ କରାଯାଉନାହିଁ ତାହା ସାଧାରଣରେ ପ୍ରଶ୍ନ ଉଠିଛି । ରାଜ୍ୟ ସରକାର ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ଗୁରୁତ୍ୱ ଦେଉଥିବାବେଳେ ନୟାଗଡ ପୌରପାଳ ନିରୂପମା ଖଟେଇ, ସ୍ୱାମୀ ଶ୍ରୀକାନ୍ତ ଖଟେଇ ୪୦ ଲକ୍ଷରୁ ଅଧିକ ଟଙ୍କାର ଜାଗା ଦେବୋତ୍ତର କଲୋନୀରେ ମାଡି ବସିଥିଲେ ହେଁ ଉଚ୍ଛେଦ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଦେବା ପରେ ଏବେ ପ୍ରଶାସନ ତତ୍ପର ହୋଇ ସରକାରୀ ଜାଗାକୁ ମାପୁଥିବାର ଜଣାପଡିଛି । ସୂଚନା ଅନୁସାରେ ସରକାରୀ ଜାଗାରେ ୩ ମହଲା କୋଠା କରିଥିବାର ପ୍ରମାଣ ମଧ୍ୟ ମିଳିଥିବାର ଜଣାପଡିଛି । ତେଣୁ ଏହି ଜାଗାରୁ ଯଥାଶୀଘ୍ର ଉଚ୍ଛେଦ କରିବା ପାଇଁ ଦାବି ହେଉଛି । ଏହା ସହିତ ମୁନିସିପାଲିଟିରେ ଅନେକ କେଳେଙ୍କାରୀ ଓ ଆର୍ଥିକ ଅନିୟମିତତା କରିଥିବାର ଜଣାପଡିଛି । ଖୁବ୍ ଶୀଘ୍ର ତଦନ୍ତ କରାଗଲେ ବହୁ ତଥ୍ୟ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ବୋଲି ପ୍ରମୋଦ ପଟ୍ଟନାୟକ କହିଛନ୍ତି ।

କରେଣ୍ଟ ନେଲା କଂଗ୍ରେସ ନେତାର ଜୀବନ

ବିନିକା, ୯/୭(ଆନିସ) : ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଚରଦା ଗାଁରେ ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ତଥା ଅଂଚଳର ଜଣାଶୁଣା ଯୁବ କଂଗ୍ରେସ ନେତା ମହେନ୍ଦ୍ର ଥନାପତି (୫୦) ଘର ପଛ ପଟରେ ପାଣି ପମ୍ପର ସଜାଡୁଥିବା ସମୟରେ ହଠାତ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ ଖବର ପାଇ ପରିବାର ଲୋକେ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା ହେଲେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ ଏପଟେ ଖବର ପାଇଁ ମେଡିକାଲକୁ ପୋଲିସ ପହଂଚି ଶବକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ତୁରନ୍ତ ସରକାର ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବୀ ହୋଇଛି

୬୭ତମ ବନ ମହୋତ୍ସବ ଅବସରରେ ବୃଦ୍ଧା ଶ୍ରମ ରେ ବୃକ୍ଷ ରୋପଣ

ଫୁଲବାଣୀ -୯/୦୭ (ଆନିସ): ଫୁଲବାଣୀ ବନ ଖଣ୍ଡ ଅଧୀନ ରେଞ୍ଜ ପକ୍ଷରୁ ସ୍ଥାନୀୟ ବୃଦ୍ଧଶ୍ରମ୍ ପରିସରରେ ବୁଧବାର ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ବ୍ୟାପକ ବୃକ୍ଷ ରୋପଣ କରଯାଇଥିଲା ଫୁଲ ବାଣୀ ସମେତ ଜିଲାରେ ପରିବେଶ ସୁରକ୍ଷା ସହ ଅଧିକ ରୁ ଅଧିକ ବୃକ୍ଷ ରୋପଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ଜିଲ୍ଲା ପାଳ ବେଦ ଭୂଷଣ ଓ ଫୁଲବାଣୀବନ ଖଣ୍ଡ ଅଧିକାରୀ ପ୍ରତାପ କୋଟାପାଲି ଏହି ଅବସରରେ ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଗୋଟିଏ ଦୁଇଟି ଗଛ ଲଗାଇବା ସହ ଗଛର ଉପଯୁକ୍ତ ଯତ୍ନ ନେବା ଲାଗି ପରାମର୍ଶ ଦେଇଛନ୍ତି ଜିଲାପାଳ ବେଦ ଭୂଷଣ ଓ ଡି ଏଫ୍ ଓ ପ୍ରତାପ କୋଟପାଲି ଅନ୍ୟ ମାନଙ୍କ ମଧ୍ୟରେ ବାଲିଗୁଡ଼ା ଡି ଏଫ୍ ଓ ଘନ ଶ୍ୟାମ ମହନ୍ତ, ଡି ଏସ ଏସ ଓ ପି ପଦ୍ମା,ଫୁଲବାଣୀ ରେଞ୍ଜର ଆଶଳତା ଦିଗାଲ, ସୁଡ଼ୁରୁ କୁମ୍ଭ ରେଞ୍ଜର ମାନସ ରଞ୍ଜନ ସାହୁ, ଫିରିଙ୍ଗିଆ ରେଞ୍ଜର ପ୍ର ଦୋଷ କୁମାର ମହାରଣା, ରାଇକିଆ ରେଞ୍ଜର ଯୁଧିଷ୍ଠିର ବେହେରା, ଜି ଉଦୟଗିରୀ ସୁଶ୍ରୀ ମାଣିକେଶ୍ୱରୀ ପଟ୍ଟନାୟକ,କର ଡ, ଟିକାବାଲି ରେଞ୍ଜର ଙ୍କ ସମେତ ବନ ପାଳ ସରୋଜ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ ଫୁଲବାଣୀ ଡି ଏଫ୍ ଓ ଭାବେ ପ୍ରତାପ କୋଟାପାଲି ଦାୟିତ୍ୱ ଗ୍ରହଣ କରିବା ର ବର୍ଷ ଟିଏ

ମଧ୍ୟରେ ବନ ଖଣ୍ଡ ଅଧୀନ ରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ହୋଇପରିବା ସହ ବୃକ୍ଷ ରୋପଣ କରଯାଇ ନୁତନ୍ ଜଙ୍ଗଲ ସୃଷ୍ଟି ହୋଇପାରିଛି ଡି ଏଫ୍ ଓ ପ୍ରତାପ କୋଟା ପାଲି ଙ୍କ ନିଷ୍ଠା ପର ଉଦ୍ୟମ ଆନ୍ତରିକତା, ଓ ଅକ୍ଳାନ୍ତ ପରିଶ୍ରମ, ଯୋଗୁଁ ଚଳିତ ବର୍ଷ ଜଙ୍ଗଲ କୁ ନିଆଁ ଦାଉରୁ ରକ୍ଷା କରିବା ସହ ବନ୍ୟପ୍ରାଣୀ ମାନଂକ ସୁରକ୍ଷା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେଉଥିବା ଜଣାପଡିଛି

ଧାମନଗର -ଫଳପୁର ରାସ୍ତା "ବିକାଶର ଧାରା ଓଡିଶା ସାରା " ନଗ୍ନ ଚିତ୍ର

❖ ଟଙ୍କା ମଞ୍ଜୁର -କାମ ଶୁନ୍
❖ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି -ପ୍ରଶାସନ ଶୋଇଛି କୁମ୍ଭକର୍ଣ୍ଣ ନିଦରେ
❖ ରାସ୍ତା ନୁହେଁ ତ ଏକ ମରଣଯାନ୍ତା

ଭଦ୍ରକ,୦୯/୦୭ (ଆନିସ): ଧାମନଗର -ଫଳପୁର ରାସ୍ତା ହିଁ ସ୍ୱଷ୍ଟ ଚିତ୍ର "ବିକାଶର ଧାରା -ଓଡିଶା ସାରା " ରାଜ୍ୟ ସରକାରଙ୍କ ଏହାହିଁ ବିକାଶର ଡିଣ୍ଡିମ ପିଟା ନାରା ଦୀର୍ଘ ୨୨ ବର୍ଷ ଧରି ଏହି ରାସ୍ତା ନିର୍ମାଣ ଅଧାପନ୍ତରିଆ ହୋଇ ପଡିଛି ଜନସାଧାରଣଙ୍କର ନିରନ୍ତର ଦାବି କରି ଆସୁଥିଲେ ସୁଦ୍ଧା ପ୍ରଶାସନିକ ଉଦାସୀନତା ଯୋଗୁଁ "ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି ଏହି ୭ କିଲୋମିଟର ଦୈର୍ଘ୍ୟ ରାସ୍ତା ଦିନକୁ ଦିନ ଅତି ବିପର୍ଯ୍ୟସ୍ତ ହେବାକୁ ଲାଗିଛି ମରାମତି ଅଭାବରୁ ରାସ୍ତାରେ ୭୦ ରୁ ଅଧିକ ଗାତ ସୃଷ୍ଟି ହୋଇଛି ପ୍ରତିଦିନ ଶହ ଶହ ଲୋକ ଯାତାୟାତ କରନ୍ତି ସ୍କୁଲ କଲେଜ ଠାର

ନଅ ଦଫା ଦାବି ପୂରଣକୁ ନେଇ ରାଜରାସ୍ତାକୁ ଓହ୍ଲାଇଲେ ଶତାଧିକ ଆଶା କର୍ମୀ

ମାଲକାନଗିରି,୯।୭ (ଆନିସ): ଆଜି ନଅ ଦଫା ଦାବି ନେଇ ରାଜ ରାସ୍ତାକୁ ଓହ୍ଲାଇଛନ୍ତି ଶତାଧିକ ଆଶା କର୍ମୀ ଦାବି ପୁରଣ କରିବା ଲାଗି ମାଲକାନଗିରି ଜିଲ୍ଲାରେ ବିଶାଳ ଶୋଭାଯାତ୍ରା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଆଶାକର୍ମୀ । ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର ମନ୍ତ୍ରଣାଳୟ ଅଧୀନରେ ସାରା ଦେଶରେ ଅଧୀନରେ ୧୦ ଲକ୍ଷ ୫୦ହଜାରରୁ ଅଧିକ ଆଶା କର୍ମୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମଗ୍ର ଭାରତ ବର୍ଷରେ କାର୍ଯ୍ୟ କରୁଛନ୍ତି । ଏହି ଆଶା କର୍ମୀଙ୍କ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରୁ ଆରମ୍ଭକରି ସହରାଞ୍ଚଳ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସର୍ବାଧିକ ଆବଶ୍ୟକତା ବିଷୟରେ କାର୍ଯ୍ୟ ହାସିଲ କରୁଛନ୍ତି ସେଥିମଧ୍ୟରେ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ସଂଗ୍ରହ କରିବା, ନାଗରିକମାନଙ୍କୁ ପ୍ରାଥମିକ ସହାୟତା ଯୋଗାଇବା, ଟୀକାକରଣ, ପୋଲିଓ, ଗର୍ଭବତୀ ମାଆମାନଙ୍କୁ ଗର୍ଭ ଧାରଣ ଠାରୁ ଆରମ୍ଭକରି ପ୍ରସବ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରୁଥିବା ବେଳେ ଏହିସବୁ କାର୍ଯ୍ୟ କରିବା ବଦଳରେ ସରକାର ଆଶା କର୍ମଚାରୀଙ୍କୁ କୌଣସି ନିର୍ଦ୍ଦିଷ୍ଟ ସମ୍ମାନ ଜନକ ବେତନ ବେତନ ପ୍ରଦାନ କରୁ ନାହାଁନ୍ତି କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ଆଶା କର୍ମୀ ମାନେ ଅଭିଯୋଗ କରିଛନ୍ତି । ଏହି ସବୁ କାର୍ଯ୍ୟ ପାଇଁ ଡ୍ରାମା ବଦଳରେ ନିମିତ୍ତ ଭିନ୍ନ ଭିନ୍ନ କାମ ଓ ଯୋଜନାଗୁଡିକର କାର୍ଯ୍ୟକାରିତା ପାଇଁ ସ୍ୱଳ୍ପ ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି ଯାହା ସେମାନଙ୍କ ପରିବାର ପ୍ରତି ପୋଷଣରେ ବାଧା ସୃଷ୍ଟି କରିବା ସହ ଇନସେଣ୍ଟିଭ ପ୍ରଲୋଭନ ଦେଖେଇ ଆଶା ଭଉଣୀ ମାନଙ୍କୁ ସରକାର ଏକ ପ୍ରକାର ଶୋଷଣ କରୁଥିବା ଅଭିଯୋଗ ବାଢିଛନ୍ତି । ଯଥା ଶୀଘ୍ର ସେମାନଙ୍କୁ ସ୍ଥାୟୀ ଚାକିରି ସହ ଅତି କମରେ ମାସିକ ଦରମା ୭ ହଜାର ରୁ ୨୬ ହଜାର କୁ ବୃଦ୍ଧି କରିବା । ସାମାଜିକ ସୁରକ୍ଷା ଓ ପେନ୍?ସନ ବିମା ବ୍ୟବସ୍ଥା ଲାଗୁ କରିବା ଆଶା କର୍ମଚାରୀଙ୍କ ମୁଖ୍ୟ ଦାବି ରହିଛି । ବିଗତ ୧୧ସେପ୍ଟେମ୍ବର ୨୦୧୮ ରେ ମାନ୍ୟବର ପ୍ରଧାନମନ୍ତ୍ରୀ ଆଶା କର୍ମୀଙ୍କ ସହ ଭିଡିଓ କନଫରେନ୍ସ ମାଧ୍ୟମରେ କଥାବାର୍ତା କରିଥିଲେ। ଆଶାକର୍ମୀ ଙ୍କୁ ଶ୍ରମିକଙ୍କ ପ୍ରୋତ୍ସାହନକୁ ହିଗୁଣିତ କରିବାକୁ ଘୋଷଣା ମଧ୍ୟ କରୀ ଥିଲେ ମଧ୍ୟ ତାହା ଆଜି ଯାଏ ପୁରଣ ହୋଇପାରି ନାହିଁ । ଏନେଇ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଆଶାକର୍ମୀ । ଦୀର୍ଘଦିନ ଆଶାକର୍ମୀ ମାନେ ଦାବି କରିଆସୁଥିଲେ ହେଁ ରାଜ୍ୟ ସରକାର ଆଶାକର୍ମୀଙ୍କୁ ଦୁଇଟି କାମ କହି ୬୪ ଟି କାମ କରାଉଥିବା ଅଭିଯୋଗ ହୋଇଛି । ଖୁବ ଶୀଘ୍ର ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଆଶାକର୍ମୀ ଚେତାବନୀ ଦେଇଛନ୍ତି ।

ଏମଭି-୬୬ ଗ୍ରାମରେ ଚାଉଳ ଯୋଗାଣ ଉପକେନ୍ଦ୍ର ପାଇଁ ଦାବୀ

କାଲିମେଳା,୯।୭(ଆନିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଗମ୍ପାକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ଏମଭି-୬୬ ଗ୍ରାମରେ ଏକ ନୂତନ ଚାଉଳ ଯୋଗାଣ ଉପକେନ୍ଦ୍ର ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି । ଏମଭି-୬୬ ସମେତ ଆଖ ପାଖ ଗ୍ରାମବାସୀଙ୍କୁ ଚାଉଳ ଆଣିବା ପାଇଁ ଦୀର୍ଘ ପଥ ଅତିକ୍ରମ କରି ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ପଡୁଛି । ଫଳରେ ବୃଦ୍ଧ, ବୃଦ୍ଧା ଏବଂ ଶାରୀରିକ ଅକ୍ଷମ ବ୍ୟକ୍ତିମାନେ ଚାଲି ଚାଲି ଯିବାରେ ଚରମ ହଇରାଣ ହେଉଛନ୍ତି । ପଞ୍ଚାୟତ କାର୍ଯ୍ୟାଳୟ ଗ୍ରାମଠାରୁ ଦୂରରେ ଥିବାରୁ ଯାତାୟାତ ପାଇଁ ଖର୍ଚ୍ଚ ଓ ସମୟ ଦୁଇଗୁଣା ହେଉଛି । ସଠିକ୍ ପରିବହନ ବ୍ୟବସ୍ଥା ନଥିବାରୁ ଗରିବ ହିତାଧିକାରୀମାନେ ଅଧିକ ଖର୍ଚ୍ଚ କରି ଗାଡ଼ି ଭଡ଼ା କରିବାକୁ ବାଧ୍ୟ ହେଉଛନ୍ତି । ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ ସରକାର ଗରିବଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେଉଥିବା ବେଳେ ଭୌଗୋଳିକ ଦୂରତା ଯୋଗୁଁ ପ୍ରକୃତ ହିତାଧିକାରୀ ହଇରାଣ ହେଉଛନ୍ତି । ବୟସାଧିକ୍ୟ ଯୋଗୁଁ ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହେବା ଏବଂ ଓଜନିଆ ଚାଉଳ ବସ୍ତା ବୋହି ଆଣିବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡ଼ୁଛି । ତେଣୁ ଏମଭି-୬୬ ଗ୍ରାମରେ ଏକ ସ୍ଥାୟୀ ଉପକେନ୍ଦ୍ର ଖୋଲିଲେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି । ଏହି ସମ୍ବେଦନଶୀଳ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଏବଂ ଯୋଗାଣ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି । ଏ ସମ୍ପର୍କରେ କାଲିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କରଙ୍କୁ ଯୋଗାଯୋଗ କରିବାରୁ ସେ ଏହାର ସମାଧାନ ପାଇଁ ଖୁବଶୀଘ୍ର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ବାଇକ ଆରୋହୀ ଗୁରୁତର ଆହାତ

ଖଲ୍ଲିକୋଟ ୯।୭ (ଆନିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ସାକାର ଛକ ନିକଟରେ ଜଣେ ବାଇକ ଆରୋହୀ ବିଦ୍ୟୁତ ଖୁଣ୍ଟାକୁ ଧକ୍କା ଦେଇ ଗୁରୁତର ଆହତ ହୋଇଥିବା ଦେଖିବାକୁ ମିଳିଛି। ରମ୍ଭା ଥାନା ଅନ୍ତର୍ଗତ ଗୌରାଙ୍ଗପାଟଣା ଗ୍ରାମର ପବନା ବେହେରାଙ୍କ ୨୭ ବର୍ଷୀୟ ପୁତ୍ର ସୁନୀଲ କୁମାର ବେହେରା ସେ ରମ୍ଭା ଅଭିମୁଖେ ଯାଉଥିବା ବେଳେ ବିଦ୍ୟୁତ ଖୁଣ୍ଟାକୁ ଧକ୍କା ଦେଇ ଏକ ବୁଦା ଭିତରେ ପଡ଼ିଥିବା ସୂଚନା ଦେଇଥିଲେ । ୧୦୮ ଆମ୍ବୁଲାନ୍ସକୁ ଯୋଗେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

ଘର ଭିତରୁ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, କାରଣ ଅସ୍ପଷ୍ଟ

ମୁନିଗୁଡା,୯୭(ଆନିସ): ରାୟଗଡା ଜିଲ୍ଲା ମୁନିଗୁଡା ଥାନା ଅନ୍ତର୍ଗତ ଗୌଡ଼ ସାହିରେ ଜଣେ ନାବାଳିକାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।ସୂଚନା ଅନୁଯାୟୀ, ଗୁରୁବାର ଘର ଭିତରେ ନାବାଳିକାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପରିବାର ସଦସ୍ୟମାନେ ତୁରନ୍ତ ମୁନିଗୁଡା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।ନାବାଳିକା ଜଣଙ୍କ ମୁନିଗୁଡା ଥାନା ଜାମରାଗୁଡା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଚଳିତ ଶିକ୍ଷାବର୍ଷରେ ଦଶମ ଶ୍ରେଣୀର ଛାତ୍ରୀ ବୋଲି ଜଣା ପଡ଼ିଛି।

ତେବେ ନାବାଳିକାଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ଘଟିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୋଲିସ ଏକ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରି ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଗୁଣପୁର ଶାଖାରେ ୭୮ ତମ ପ୍ରତିଷ୍ଠା ଦିବସ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଗୁଣପୁର, ୯।୭ (ଆନିସ): ୧୯୪୯ ମସିହାରେ ଜୁଲାଇ ୯ ତାରିଖରେ ପ୍ରତିଷ୍ଠା ହୋଇଥିବା ର ଆଜି ସାରା ଦେଶରେ ୭୮ ତମ ପ୍ରତିଷ୍ଠା ଦିବସ ପାଳନ କାରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ଗୁଣପୁର ଶାଖା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ସ୍ଥାନୀୟ ବଂଶଧର କଲେଜ ଠାରେ ନଗର ସଭାପତି ଲକ୍ଷ୍ମୀମହଙ୍କୁଡ଼ ଓ ସମ୍ପାଦକ ଆଦିତ୍ୟ ପାଢ଼ୀ ଙ୍କ ତତ୍ତ୍ୱାବଧାନ ରେ ପରିଷଦ ର ପତାକା ଉତ୍ତୋଳନ କରାଯାଇଛି । ନଗର ସଭାପତି ପତକା ଉତ୍ତୋଳନ କରିଥିବା ବେଳେ ବିଭାଗ ପ୍ରମୁଖ ଅଧ୍ୟାପକ ଉମା ଶଙ୍କର ଦାଶ ସଂଗଠନ ସମ୍ପର୍କିତମାର୍ଗଦର୍ଶନ କରିଥିଲେ । ଜିଲ୍ଲା ପ୍ରମୁଖ ଶେଷପୌ ସାଇ ସେନାପତି ରହିତ୍ୟ କରିବା ସହ ଉପସ୍ଥିତ ଶତାଧିକ କଲେଜ ବିଦ୍ୟାର୍ଥୀ ବିଦ୍ୟାର୍ଥନୀ ମାନେ କାନ ଖୁଲି କରି ଶୁଣ ସରକାର ପାଠ ପଢା ସଂଗେ କାମ ଦରକାର, ଶିକ୍ଷା ନିମନ୍ତେ ରାଜ୍ୟ ବଜେଟ ରେ ୧୦ ପ୍ରତିଶତ ଅର୍ଥ ବରାଦ ଦାବୀ, ରାଜନୀତି କି ପଂଜୋସେ ଶିକ୍ଷା କୋ ଆଜାଦ କର, ଖୁନ୍? ଭି ଦେଙ୍ଗେ ଯାନ ଭି ଦେଙ୍ଗେ ଦେଶ କି ମିଟି କଭି ନା ଦେଙ୍ଗେ, ଛାତ୍ର ଶକ୍ତି ରାଷ୍ଟ୍ର ଶକ୍ତି ଭଳି ଦେଶ ଭକ୍ତି ସ୍ଲୋଗାନ ମାନ ଦେଇଥିଲେ । କାର୍ଯ୍ୟକ୍ରମ ରେ ବିଦ୍ୟର୍ଥୀ ପରିଷଦ ର ପୂର୍ବତନ ଜିଲ୍ଲା ସଂଯୋଜକ ବି ସତୀଶ କୁମାର, ଏସ ଶିବାଜୀ ଅଧ୍ୟାପକ ପୂଣ୍ୟ ଶ୍ଳୋକ ସାହୁ, କାରଣ ଗୁରୁଜୀ ,ପ୍ରଫୁଲ୍ଲ ଶତପଥୀ, ଇଣ୍ଡିଜନସ ସଂଯୋଜକ ଦେବାଶିଷ ସେନାପତି ସାଇ ପାଣିଗ୍ରାହୀ,ଏସେଏଫ ଏସ ସଂଯୋଜକ ପ୍ରିୟବ୍ରତ ରଥ,ରାଜେଶ ପାଢ଼ୀ , ଗୁଣପୁର ମହାବିଦ୍ୟାଳୟ ର ଏନସିସି ଓ ଉଇସଡ଼ମ କୋଚିଂ ସେଣ୍ଟର ବିଦ୍ୟର୍ଥୀ – ବିଦ୍ୟର୍ଥୀନୀ ପ୍ରମୁଖ ଉପସ୍ଥିତ ରହି ସଞ୍ଚାଳନ କରିଥିଲେ । ଏହି ଅବସରରେ ସମସ୍ତ କାର୍ଯ୍ୟ କର୍ତା ଓ ବିଦ୍ୟାର୍ଥୀ ମାନଙ୍କୁ ନେଇ ସ୍ଥାନୀୟ କଲେଜ ପରିସରରେ ଓ ଆମରୁ ନଗର ଠାରେ ବିଭିନ୍ନ କିସମ ର ବୃକ୍ଷ ନିମ, ବଉଳ, ଅଁଳା ଓ ବାଦାମ ଭଳି ଅନେକ ବୃକ୍ଷରୋପଣ କରାଯାଇଥିଲା ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସିଡବ୍ଲୁସିର ସ୍ୱାଗତ ସମ୍ବର୍ଦ୍ଧନା

ଶିଶୁ ମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଉପମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ସମ୍ବଲପୁର, ୯।୭ (ଆନିସ):ଜିଲ୍ଲାପାଳ କକ୍ଷ ଠାରେ ଗୁରୁବାର

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସିଡବ୍ଲୁସିର.

ନବ ମନୋନୀତ ସଦସ୍ୟ ସଦସ୍ୟା ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

ଏହି ଅବସରରେ ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ,ଅବହେଳିତ ଓ ଶିକ୍ଷା ସୁରକ୍ଷା ଯତ୍ନ ଆବଶ୍ୟକ କରୁଥିବା ଶିଶୁ ମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଉପମୁଖ୍ୟମନ୍ତ୍ରୀ ପରିଡା ସମସ୍ତ ସଦସ୍ୟ ଓ ସଦସ୍ୟା ମାନଙ୍କୁ ପରାମର୍ଶ ଦେଇଥିଲେ।ସୂଚନା ଯୋଗ୍ୟଯେ ଗତ ମାର୍ଚ୍ଚ ମାସ ୧୨ ତାରିଖ ଦିନ କବିତା ପଣ୍ଡା ଅ(ଧକ୍ଷା)ଜ୍ୟୋତି ଶତପଥୀ, ଗାର୍ଗୀ ପଣ୍ଡା, ଡ଼ା. ରାଜାରାମ ଷଡ଼ଙ୍ଗୀ ଓ ଦିଲ୍ଲୀପ ମୁଖି ଶିଶୁ ମଙ୍ଗଳ ସମିତିର ନୂତନ ସଦସ୍ୟା ସଦସ୍ୟ ଭାବେ ନୂତନ କାର୍ଯ୍ୟାଭାର ଗ୍ରହଣ କରିଥିଲେ। ଏହି ସମୟରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଡିସିପିଓ ଶୁଚିସ୍ମିତା ପଟ୍ଟନାୟକ, ସାଂସଦ ପ୍ରତିନିଧି ନାଉରୀ ନାଏକ, ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେର, ରାଜ୍ୟ ବିଜେପି ନେତ୍ରୀ ସବିତା ନନ୍ଦ ପ୍ରମୁଖ ବହୁ ଅଧିକାରୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।

ଧର୍ମ ପରିବର୍ତ୍ତନ କରିଥିବାରୁ ଶ୍ମଶାନ ନ ମିଳିବା ଘଟଣା

ଜିଲ୍ଲାପାଳଙ୍କୁ ରିପୋର୍ଟ ମାଗିଲେ ଏନ ଏଚଆରସି

ରାୟଗଡା,୮ ୭(ଆନିସ): ଧର୍ମ ପରିବର୍ତ୍ତନ କରିଥିବାରୁ ଜଣେ ଆଦିବାସୀ ବୃଦ୍ଧଙ୍କୁ ଶ୍ମଶାନ ନ ମିଳିବା ଭଳି ଅଭାବନିୟ ଘଟଣାରେ ଜାତୀୟ ମାନବିକ ଅଧିକାର କମିସନ ରାୟଗଡା ଜିଲ୍ଲାପାଳଙ୍କୁ ଚାରି ସପ୍ତାହ ମଧ୍ୟରେ ଆକ୍ସନ ଟେକେନ ରିପୋର୍ଟ ମାଗିଛନ୍ତି. ସୂଚନାରୁ ଜଣାପଡିଛି ଏହି ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେଲାପରେ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ର ଅଧ୍ୟକ୍ଷ ମନୋଜ ଜେନା ଏନ ଏଚ ଆର ସି ର ଦ୍ୱାରସ୍ଥ ହୋଇଥିଲେ ଏହି ଅଭାବନୀୟ ଘଟଣାରେ ମୃତକଙ୍କ ମାନବିକ ଅଧିକାର କ୍ଷୁର୍ଣ୍ଣ ହୋଇଥିବା ଅଭିଯୋଗ ହୋଇଥିବା ନେଇ ଶ୍ରୀ ଜେନା ଏନ ଏଚ ଆର ସି ରେ ଦ୍ୱାରସ୍ଥ ହୋଇଥିଲେ ଏଠାରେ ସୂଚନାଯୋଗ୍ୟ ଯେ ରାୟଗଡା ବ୍ଲକ ସ୍ଥିତ ଗାଜିଗାଁ ଗ୍ରାମ ର ଆଦିବାସୀ ସଂପ୍ରଦାୟର ଜାକାକା ଦାମ (୬୫ ବର୍ଷ)୪/୫ ବର୍ଷ ତଳେ ଖ୍ରିଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ । କିଛି ମାସ ହେଲା ସେ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ ।

ଖ୍ରିଷ୍ଟ ଧର୍ମ ଅନୁଯାୟି ଦାମଙ୍କୁ ସ୍ଥାନୀୟ ଶ୍ମଶାନରେ କବର ଦେବା ପାଇଁ ଯୋଜନା କରୁଥିବା ବେଳେ ଗ୍ରାମବାସୀ ମାନେ ଏହାକୁ ବିରୋଧ କରିଥିଲେ । ଏହି ଶ୍ମଶାନ କେବଳ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଏବଂ ପୋଡା ଯାଉଥିବାରୁ ଦାମଙ୍କ ମୃତ ଦେହକୁ କବର ଦେବା ପାଇଁ ଗ୍ରାମବାସୀ ମାନେ ବାରଣ କରିଥିଲେ । ଫଳରେ ପାଖା ପାଖି ୨୬ ଘଣ୍ଟା ପରେ ଏକ ସରକାରୀ ଜମିରେ ତାଙ୍କୁ କବର ଦିଆ ଯାଇଥିଲା

ନାବାଳିକା ଅପହରଣ ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ଗିରଫ

ରାୟଗଡା,୯୭(ଆନିସ) ନାବାଳିକାକୁ ଅପହରଣଏବଂ ଦୁଷ୍କର୍ମ ଅଭିଯୋଗ କାଶୀପୁର ଥାନା ପୁଲିସଜଣେ ଅଭିଯୁକ୍ତକୁଗିରଫ କରିଛି।ଅଭିଯୁକ୍ତ ଜଣକ ଶିରିପାଇ ପଞ୍ଚାୟତ ସିମେର ଗ୍ରାମରଗୁରୁନାଥ ମାଝୀ(୨୫)ବୋଲି ସୂଚନା ମିଳିଛି।ନାବାଳିକାକୁ ଅପହରଣକରାଯାଇ ଥିବାର ପିଡିତାଙ୍କ ପିତାମଙ୍ଗଳବାର ଦିନକାଶୀପୁର ଥାନାରେ ଏତଲା ଦେଇଥିଲେ ।ପୁଲିସ ଏହାର ତଦନ୍ତ କରି ଅଭିଯୁକ୍ତଙ୍କ ସିମେର ଗ୍ରାମ ଠାରୁ ପିଡିତାକୁ ଉଦ୍ଧାର କରିଥିଲେ। ଡ଼ାକ୍ତରୀ ମାଇନା କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।ତଦନ୍ତ ଅଧିକାରୀ ଏସ ଆଇ ,ସନ୍ଧ୍ୟା ରାଣୀ ତିର୍କୀ ଏହି ଘଟଣାରେ କାଶୀପୁର ଥାନାର କେସନ୍ ୧୭୨୦/୨୬ଅଭିଯୁକ୍ତ ବିରୋଧ ରେ ବିଏନଏସ,୧୩୭(୨)/୩(୫) ମାମଲା ରୁଜୁ କରିଛି। ଗତକାଲି କୋର୍ଟ ଚାଲାଣ କରାଯାଇ ଥିବାରଥାନା ଆଇଆଇସି,ଧିରେନ ପଟନାୟକ କହିଛନ୍ତି।

ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଛାତ୍ରଛାତ୍ରୀଙ୍କ ଉତ୍ସାହର ଝଲକ..

ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଅବସରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ବିଜେତାମାନେ ରାଜ୍ୟସ୍ତରକୁ ଉନ୍ନୀତ

କେନ୍ଦ୍ରାପଡ଼ା, ୯।୭ (ଆନିସ): ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ପିଏମଶ୍ରୀ କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ବ୍ଲକରୁ ବ୍ଲକସ୍ତରରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଯୋଗଦେଇ ନିଜ ପ୍ରତିଭାର ପରିଚୟ ଦେଇଥିଲେ।

କନିଷ୍ଠ ବର୍ଗ (୫ମ, ୬ଷ୍ଠ ଓ ୭ମ ଶ୍ରେଣୀ) ଏବଂ ବରିଷ୍ଠ ବର୍ଗ (୮ମ, ୯ମ ଓ ୧୦ମ ଶ୍ରେଣୀ)ରେ ପ୍ରବନ୍ଧ ଲିଖନ, କବିତା ଆବୃତ୍ତି, ବକ୍ତୃତା ଏବଂ ଓଡ଼ିଆ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହିପରି କନିଷ୍ଠ ବର୍ଗରେ ୧୨ ଜଣ ଏବଂ ବରିଷ୍ଠ ବର୍ଗରେ ୧୨ ଜଣଙ୍କୁ ମୋଟ ୨୪ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।

ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଆସନ୍ତା ୧୨ ଜୁଲାଇ ୨୦୨୬ ତାରିଖରେ ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ।

ପ୍ରତିଯୋଗିତାରେ ଡ଼. ସର୍ବେଶ୍ୱର ସେଣ, ଶ୍ରୀ ନୃସିଂହ ଚରଣ ତ୍ରିପାଠୀ, ଶ୍ରୀ ଅକ୍ଷୟ ନାୟକ, ଶ୍ରୀ ଅକ୍ଷୟ କୁମାର ପାଣି, ଶ୍ରୀ ଈଶ୍ୱର ଚନ୍ଦ୍ର ପୃଷ୍ଟି, ଶ୍ରୀ ସ୍ୱପ୍ନାଂଶୁ କୁମାର ଦାସ, ଶ୍ରୀ ଶୈଳଜା ଶଙ୍କର ସାମଲ ଆଦି ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କ ପ୍ରଦର୍ଶନର ମୂଲ୍ୟାଙ୍କନ କରିଥିଲେ।

ସମଗ୍ର କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ତ୍ରିଭୁବନ ଜୟସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଉପଖଣ୍ଡ ସୂଚନା ଓ ଲୋକ

ବନ୍ଧୁକ ମୁନରେ ଭୟଭୀତ କରି ବାରମ୍ବାର ଧର୍ଷଣ

ଗର୍ଭବତୀ ନାବାଳିକାର ଗର୍ଭପାତ ପରେ ସୁଧି କ୍ରିୟା ନକରିବାରୁ ଜରିମାନା

ଖାପ ପଞ୍ଚାୟତର ଦେଢ଼ ଲକ୍ଷ ଟଙ୍କା ଜରିମାନା ଆଦେଶ

ଜରିମାନା ନଦେଇପାରିବାରୁ ପୀଡ଼ିତ ପରିବାରକୁ ଗାଁରୁ ବାସନ୍ଦ

ଧର୍ଷଣକାରୀ,ଭ୍ରୂଣ ହତ୍ୟାକାରି ଅଭିଯୁକ୍ତ ୱାଡମେମ୍ବର ଗିରଫ

ଓଡ଼ଗାଁ ୦୯/୦୭ (ଆନିସ) :ବନ୍ଧୁକ ମୁନରେ ଭୟଭୀତ କରି ବାରମ୍ବାର ଧର୍ଷଣ କରିବା।ଧର୍ଷଣ ପରେ ଅନୁସୂଚୀତ ଜନଜାତିଗର୍ଭବତୀ ନାବାଳିକାଙ୍କ ଗର୍ଭପାତ କରାଇଥିବା, ଗର୍ଭପାତ ପରେ ରକ୍ତ ପିଣ୍ଡୁଳାର ସୁଧି କ୍ରିୟା ନକରିବାରୁ ଦେଢ଼ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେବା ଏବଂ ପୀଡ଼ିତା ପରିବାର ଜରିମାନା ନଦେଇ ପାରିବାରୁ ଗାଁରୁ ବାସନ୍ଦ କରିବା ଘଟଣାର ମୁଖ୍ୟ ଖଳନାୟକ ଧର୍ଷଣକାରୀ ଓ ଭ୍ରୂଣ ହତ୍ୟାକାରି ଅଭିଯୁକ୍ତ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି କାପ୍ତାପଲ୍ଲୀ ପଞ୍ଚାୟତ ବଡ଼ ଦୁରୁପା ଗାଁର ୱାଡମେମ୍ବର ଅନିରୁଦ୍ଧ ଜାନି(୪୦)କୁ ଓଡ଼ଗାଁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛନ୍ତି।ଜାମିନ ଖାରଜ ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଓଡ଼ଗାଁ ଆଦର୍ଶ ଥାନା ବାହାଡ଼ାଝୋଲା ଫାଣ୍ଡି ଅଞ୍ଚଳର ନାବାଳିକାଙ୍କ ପରିବାର କରଜରେ ବୁଡ଼ି ଯିବାରୁ କରଜ ଶୁଝିବା ନିମନ୍ତେ କାମ କରିବାକୁ ୨୦୨୫ ନଭେମ୍ବର ମାସରେ ଆସାମ ଯାଇଥିଲେ। ଘରେ ବାପ ଝିଅ ରହନ୍ତି।ବାପା କାମ କରିବାକୁ ଯାଏ।ଝିଅ ପ୍ରତିଦିନ ଜଙ୍ଗଲକୁ ଛେଳି ନେଇ ଚରାଇବାକୁ ଯାଏ। ଅଭିଯୁକ୍ତ ଅନିରୁଦ୍ଧ ଜାନି ଅନେକ ଥର ନାବାଳିକାର ପିଛା କରେ।ଦିନେ ନିଜର ଇଚ୍ଛା ମେଣ୍ଟାଇବା ନିମନ୍ତେ ବନ୍ଧୁକ ଦେଖାଇ ଭୟଭୀତ କରି ନାବାଳିକାର ଇଚ୍ଛା ବିରୁଦ୍ଧରେ ଯାଇ ଧର୍ଷଣ କରେ।ଏହପରି ବାରମ୍ବାର ଧର୍ଷଣ ଯୋଗୁଁ ନିଜ ଅଜାଣତରେ ନାବାଳିକା ଜଣକ ଗର୍ଭବତୀ ହୁଏ।ପେଟ ଉପରକୁ ବାହାରିବା ଲକ୍ଷଣ ପ୍ରକାଶ ପାଇବା ପରେ ଅଭିଯୁକ୍ତ ଅନିରୁଦ୍ଧ ଗର୍ଭ ନଷ୍ଟ କରିବା ପାଇଁ ଔଷଧ ଦିଏ।ନାବାଳିକାର ପେଟ ବଥାଏ। ଗର୍ଭପାତ ହୁଏ। ପୀଡିତାଙ୍କ ମା ଝିଅ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିବାଦ କରେ। କିଛି ଲାଭ ହୁଏ ନାହିଁ। ବରଂ ଅଭିଯୁକ୍ତ ୱାଡମେମ୍ବର ଅନିରୁଦ୍ଧ ଜାନି ଏବଂ ଗ୍ରାମ ସଭାପତି ମିଶି ମୃତ ରକ୍ତ ପିଣ୍ଡୁଳା ଜନ୍ମ ଦେବା ପରେ ପୀଡ଼ିତାଙ୍କ ପରିବାର କାହିଁକି ସୁଧି କ୍ରିୟା କଲେ ନାହିଁ ବୋଲି ଦେଢ଼ ଲକ୍ଷ ଟଙ୍କା ଜରିମାନା କଲେ। ପରେ ପୀଡ଼ିତାଙ୍କ ପରିବାର ଗାଁକକୁ ଛେଳି ଦେଲେ ୫୦ ହଜାର ଖର୍ଚ୍ଚ କରି ଭୋଜି ଦେଲେ। ସେଥିରେ ମନ ମାନିଲା ନାହିଁ। ଏବେ ଗାଁ କଥା ସରିଲା ଅବଶିଷ୍ଟ ଲକ୍ଷେ ଟଙ୍କା ଦେଇ ସାତ ମେଳିଆରେ ମଶିଲେ ଯାଇ ଗାଁରେ ମଶିବାନଚେତ ବାସନ୍ଦ ହୋଇ ରହିବା କୌଣସି ଥାନା ଫାଣ୍ଡିକୁ ଗଲେ କଠୋର ଦଣ୍ଡ ମିଳିବ ବୋଲି ଖାପ ପଞ୍ଚାୟତ ଧମକ ଦେଲେ।ଲକ୍ଷେ ଟଙ୍କା ଦେଲେ ତୁମେ କଣ ମୋର ଭାଙ୍ଗିଥିବା ବାଲି ମାଠିଆକୁ ଯୋଡ଼ି ପାରିବ। ଚାଲିଯାଇଥିବା ସମ୍ମାନ କଣ ମୋତେ ଫେରାଇ ଦେବ।ଏତକ କହି ଅନ୍ୟ କୌଣସି ଉପାୟ ନପାଇ ଅନୁସୂଚୀତ ଜନଜାତିର ରମଣୀ ପୀଡ଼ିତା ନାବାଳିକାଙ୍କ ମା ତାଙ୍କ ପ୍ରତି ଘଟିଥିବା ସମସ୍ତ ଘଟଣାବଳୀକୁ ନେଇ ଓଡ଼ଗାଁ ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ଓଡ଼ଗାଁ ପୋଲିସ ୨୦୨/୨୬ରେ ଧର୍ଷଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ।ଶରଣଣକୁଳ ଏସଡିପିଓ ଦିପ୍ତିକାନ୍ତ ପ୍ରଧାନ ଆଇଆଇସି ସତ୍ୟନାରାୟଣ ବାରିକ ଏସ୍ଆଇ ଚକ୍ରଧର ସିଂ ଏବଂ ଅନ୍ୟ ପୋଲିସ ଅଧିକାରୀମାନେ ପକ୍ସୋ ଆଇନ ଅନୁଯାୟୀ ସଙ୍ଗେ ସଙ୍ଗେ ଅଭିଯୁକ୍ତ ଅନିରୁଦ୍ଧକୁ ଗିରଫ କରିବା ସହିତ ତାର ଡାକ୍ତରୀ ପରୀକ୍ଷା କରି କୋର୍ଟ ଚାଲାଣ କରାଯାଇଥିଲା। ଅନ୍ୟପକ୍ଷରେ ମାଜିଷ୍ଟ୍ରେଟଙ୍କ ନିକଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯିବା ପରେ ଓଡ଼ଗାଁ ପୋଲିସ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଜଣାଯାଇଛି।

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ପାଳିତ

ପୁରୀ, ୯।୭ (ଆନିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ପୁରୀର ୪୬ତମ ପ୍ରତିଷ୍ଠା ଦିବସ ଆଜି ବିଶ୍ୱବିଦ୍ୟାଳୟ ସଭାଗୃହରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ଓଡ଼ିଶାର ମହାମହିମ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ବିଶ୍ୱବ୍ୟାପୀ ଗୁରୁତ୍ୱ, ଭାରତୀୟ

ଜ୍ଞାନପରମ୍ପରାରେ ଏହାର ଅବଦାନ ଓ ସଂସ୍କୃତକୁ ସମସ୍ତ ଭାଷାର ଜନନୀ ବୋଲି କହି ଉଦବୋଧନ ଦେଇଥିଲେ। ସେ ରାମାୟଣ ଓ ମହାଭାରତରେ ବର୍ଣ୍ଣିତ ବ୍ରହ୍ମାସ୍ତ୍ର, ପୁଷ୍ପକ ବିମାନ ଭଳି ବିଭିନ୍ନ ବୈଜ୍ଞାନିକ ଓ ରହସ୍ୟମୟ ଧାରଣା ସଂସ୍କୃତ ସାହିତ୍ୟରେ ନିହିତ ରହିଥିବା ବିଷୟରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ବିଶ୍ୱବିଦ୍ୟାଳୟର ଗୌରବମୟ ପରମ୍ପରା, ଶିକ୍ଷା, ଗବେଷଣା ଓ ସଂସ୍କୃତ ଭାଷାର ପ୍ରସାରରେ ଏହାର ଅବଦାନ ସମ୍ପର୍କରେ ଉପସ୍ଥାପନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀମତୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ।ମଞ୍ଚରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପୂର୍ବତନ କାର୍ଯ୍ୟବାହୀ କୁଳପତି ପ୍ରଫେସର ଦତ୍ତାତ୍ରେୟ ମୂର୍ତ୍ତି ଏବଂ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଉପସ୍ଥିତ ରହି ନିଜ ମତାମତ ପ୍ରକାଶ କରିଥିଲେ। ଏହି ଅବସରରେ ସର୍ବଦର୍ଶନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ଅଣଶିକ୍ଷକ କର୍ମଚାରୀ ଶ୍ରୀ ହରିହର ପ୍ରଧାନ, ଶ୍ରୀମତୀ ଶୋଭାବତୀ ମାନସିଂହ, ଶ୍ରୀମତୀ ସୁବର୍ଣ୍ଣା ମାରାଣ୍ଡି, ଶ୍ରୀ ସୁରେନ୍ଦ୍ର ବିଶୋଇ ଏବଂ ଶ୍ରୀ ଜଗନ୍ନାଥ ପାତ୍ରଙ୍କୁ କୁଳାଧିପତି ସମ୍ମାନିତ କରିଥିଲେ। କୁଳାଧିପତିଙ୍କ କରକମଳରେ ବିଶ୍ୱବିଦ୍ୟାଳୟର ମୁଖପତ୍ର ଶ୍ରୀବିହାରଭାରତୀ ଏବଂ ଗବେଷଣା ପତ୍ରିକା ଜଗନ୍ନାଥଜ୍ୟୋତିଃ ଉନ୍ମୋଚିତ ହୋଇଥିଲା।ଏହି ଅବସରରେ ବିଭିନ୍ନ ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମେଧାବୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଜ୍ୟୋତିର୍ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କୁ ପ୍ରଦୀପ କୁମାର ଦାସ ଓ ପ୍ରେମାମଞ୍ଜରୀ ଦେବୀ ଛାତ୍ରବୃତ୍ତି ଏବଂ ନୀଳକଣ୍ଠ ଉଦଗାତା ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା।

ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ଶାସ୍ତ୍ରୀ (୩) ପରୀକ୍ଷାରେ ସର୍ବାଧିକ ନମ୍ବର ହାସଲ କରିଥିବା ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟର ବ୍ୟାକରଣ ବିଭାଗର ଛାତ୍ରୀ ସୁଶ୍ରୀ ମୋନାଲି ଆଚାର୍ଯ୍ୟଙ୍କୁ ବଂଶୀଧର ଓ ବସନ୍ତମଞ୍ଜରୀ ସମ୍ମାନ ପ୍ରଦାନ କରାଯାଇଥିଲା। ତସହିତ ଶିକ୍ଷାଶାସ୍ତ୍ର ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା।ଜାତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍.) ପକ୍ଷରୁ ଶ୍ରୀ ଅନିଲ କୁମାର ମହାନ୍ତି ଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବକ ଏବଂ ଶ୍ରୀମତୀ ସୁଜାତା ଦାସଙ୍କୁ ଶ୍ରେଷ୍ଠ ଜାତୀୟ ସେବା ଯୋଜନା ଅଧିକାରୀ ଭାବେ ସମ୍ମାନିତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଡ. ରାଧାକାନ୍ତ ପଣ୍ଡା ଏବଂ ଡ. ନିବେଦିତା କର ସଂଯୋଜନା କରିଥିବା ବେଳେ ବିଶ୍ୱବିଦ୍ୟାଳୟର ମିଡିଆ ସେଲ୍‌ର ଡ. ସସ୍ମିତା ବନ୍ଦର ନାୟକ, ଡ. ସୁଶାନ୍ତ ଶତପଥୀଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

ସ୍ୱଚ୍ଛଳ ବର୍ଗର ବ୍ୟକ୍ତିଙ୍କୁ ଘର, ଯୋଗ୍ୟ ହିତାଧିକାରୀ ହେଲେ ଦୂର

ଖପ୍ରାଖୋଲ, ୯।୭ (ଆନିସ) (ରୁପେନ୍ଦ୍ର ମୁଣ୍ଡା) : ଗ୍ରାମାଞ୍ଚଳରେ ବସବାସ କରୁଥିବା ସାଧାରଣ ଲୋକଟିଏ କିପରି ସୁରୁଖୁରୁରେ ଜୀବନ ଯାପନ କରି ପାରିବ ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରୁଛନ୍ତି ଏବଂ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ପକ୍କା ଘର ଖଣ୍ଡେ ପାଇବା ପାଇଁ ସ୍ୱପ୍ନ ଦେଖୁଥାନ୍ତି ଅନେକ ଗରିବ ଲୋକ । କିନ୍ତୁ ତାଙ୍କର ସ୍ୱପ୍ନ ସ୍ୱପ୍ନ ରେ ରହିଯାଇଛି ଯୋଗ୍ୟ ହିତାଧିକାରୀ ଯୋଜନାରେ ସାମିଲ ହୋଇ ପାରୁନାହାନ୍ତି । ଆବାସ ଯୋଜନା ନାମରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି । ବୃତାନ୍ତ ତାଲିକା ପ୍ରକାଶ ପାଇଛି ହେଲେ ନାହିଁ ସମ୍ପୂର୍ଣ ଗରିବ ଲୋକଙ୍କ ନାମ । ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ଅଯୋଗ୍ୟ ପାଇବାକୁ ଯାଉଛନ୍ତି ଘର । 'ଆବାସ' ଚିଠା ତାଲିକା ନେଇ ବ୍ଲକର ୧୩ ଟି ପଞ୍ଚାୟତରେ ଅସନ୍ତୋଷ ବଢୁଛି । ପଞ୍ଚାୟତ କାର୍ଯ୍ୟାଳୟ ଓ ଅନ୍ୟ ସର୍ବସାଧାରଣ ସ୍ଥାନରେ 'ଆବାସ' ହିତାଧିକାରୀଙ୍କ ଚିଠା ତାଲିକା ଝୁଲିବା ପରେ ଏହାକୁ ଦେଖି ଲୋକେ ଅସନ୍ତୋଷ ଅସନ୍ତୁଷ୍ଟ ପ୍ରକାଶ କରୁଛନ୍ତି । ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଥିବା ବେଳେ ତାଲିକାରେ ସ୍ୱଚ୍ଛଳ ବର୍ଗର ବ୍ୟକ୍ତିଙ୍କ ନାଁ ଦେଖିବାକୁ ମିଳୁଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ଦରିଦ୍ର୍ୟ ସୀମାରେଖା ତଳେ ଥିବା ସାଧାରଣ ଲୋକ ଟିଏ ବର୍ଷ ବର୍ଷ ଧରି ଚାତକ ପରି ଚାହିଁ ବସିଥିବା ବଳେ ଏବେ ପ୍ରାୟ ପଞ୍ଚାୟତ ଗୁଡିକରେ ଅଧାରୁ ଅଧିକ ଧନୀ ଶ୍ରେଣୀର ଲୋକଙ୍କ ନାମ ତାଲିକା ପ୍ରକାଶ ପାଇଛି । ଗରିବ ନିରୀହ ଲୋକଙ୍କ ନାଁ ଗୁଡିକୁ ଜାଣି ଶୁଣି ତାଲିକାରୁ ବାଦ ଦେଇଥିବାର ମାଳମାଳ ଅଭିଯୋଗ ସାମ୍ନାକୁ ଆସିଲାଣି । ଏଭଳି ଦୁର୍ନୀତି ବିରୋଧରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଗୋଚର କରିବା ସହିତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ସରକାରଙ୍କୁ ଅନୁରୋଧ ।

ରଥଯାତ୍ରା ରେ ସ୍ୱେଚ୍ଛାସେବୀ ମାନଙ୍କ ଅବଦାନ ଅତୁଳନୀୟ:ଜିଲ୍ଲାପାଳ

ପୁରୀ,୯।୭ (ଆନିସ): ପୂରୀରେ ମହାପ୍ରଭୁଙ୍କ ବିଶ୍ବ ପ୍ରସିଦ୍ଧ ରଥଯାତ୍ରା ରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଙ୍କ ର ଆଗମନ ହୋଇଥାଏ।ସେମାନଙ୍କ ଶୃଙ୍ଖଳିତ ଦର୍ଶନ ସହ ଖାଦ୍ୟ,ପାନୀୟ, ଚିକିତ୍ସା ଓ ସହାୟତା ପାଇଁ ସ୍ୱେଚ୍ଛାସେବୀ ମାନଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା।ଆଜି

ଅପରାହ୍ନ ରେ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଚଳିତ ରଥଯାତ୍ରା ରେ ସ୍ୱେଚ୍ଛାସେବୀ ମାନଙ୍କ ଭୂମିକା ଓ ଆବଶ୍ୟକତା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡା ସ୍ୱେଚ୍ଛାସେବୀ ମାନେ ପ୍ରଶାସନ ର ଏକ ଅଙ୍ଗ ସଦୃଶ୍ୟ।ସେମାନଙ୍କ ସହଯୋଗ ଓ ସହଭାଗିତା ରଥଯାତ୍ରା ଭଳି ଏକ ବିଶାଳ ଜନଗହଳି ପୂର୍ଣ୍ଣ ଯାତ୍ରା ରେ ଅତ୍ୟନ୍ତ ଆବଶ୍ୟକ।ସେମାନେ ବର୍ଷ ପରେ ବର୍ଷ ନିସ୍ୱାର୍ଥପର ଭାବେ ବିଭିନ୍ନ ପ୍ରକାର ସେବା ଯୋଗାଇ ଆସୁଛନ୍ତି।ସେମାନଙ୍କ ନିଷ୍ଠାପର ସେବା ଓ ସହଯୋଗ ପାଇଁ ଶ୍ରଦ୍ଧାଳୁ ମାନେ ଅନେକ ଆନନ୍ଦ ଓ ଶାନ୍ତି ଲାଭ କରିଥାନ୍ତି।ଚଳିତ ବର୍ଷ ସ୍ନାନ ଯାତ୍ରା ରେ ଆଶା ଠାରୁ ଅଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ ମଧ୍ୟ ସାମାନ୍ୟ ତମ ବ୍ୟତିକ୍ରମ ହୋଇ ନ ଥିଲା।ଏହା ମହାପ୍ରଭୁଙ୍କ ଆଶୀର୍ବାଦ। ଆମ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ସମସ୍ତ କାର୍ଯ୍ୟ କୁ ସହଜ କରି ପାରିବା।ତେଣୁ ଆମେ ସମସ୍ତେ ମିଶି ଶ୍ରଦ୍ଧାଳୁ ମାନଙ୍କୁ ଉପଯୁକ୍ତ ସେବା ଓ ସହାୟତା ଯୋଗାଇ ଦେବାକୁ ଜିଲ୍ଲାପାଳ ଶ୍ରୀ ପରିଡା ପରାମର୍ଶ ଦେଇଥିଲେ।ଏହି ସମୀକ୍ଷା ରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ରଥଯାତ୍ରା ର ସ୍ୱତନ୍ତ୍ର ଅଧିକାରୀ ଭବତାରଣ ସାହୁ,ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି,ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ, ଡେପୁଟି କଲେକ୍ଟର ବିବେକାନନ୍ଦ ସାହୁ,ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ସରୋଜ କାନ୍ତ ପ୍ରଧାନ, ୱାଟକୋ ଜିଏମ ବିକ୍ରମ ରାଉତ,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

ଖଜୁରୀପଡା ବୁଢାରାକାଡି ପୋଲ ଲଗାଣ ବର୍ଷାରେ ଧୋଇଗଲା , ମରାମତି ଦାବୀ

ଫୁଲବାଣୀ, ୯/୦୭ (ଆନିସ): କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଅନ୍ତର୍ଗତ ଅରାପାଙ୍କୁ ଗ୍ରାମ ପଞ୍ଚାୟତ ର ବୁଢା ରାକଡି ଗ୍ରାମ ସ୍ଥିତ ପୋଲ ଲଗାଣ ବର୍ଷା ଯୋଗୁଁ ଧୋଇ ହୋଇ ଯାଇଛି! ଫୁଲବାଣୀରେ ଅଢେଇ ଦିନରେ ୨୨୪ ମିଲିମିଟର ହୋଇଥିବା ବେଳେ ଖଜୁରୀପଡା ରେ ୨୭୬ ଏମ ଏମ ବୃଷ୍ଟିପାତ ରେକର୍ଡ ହୋଇଛି । ଫଳରେ ଖଜୁରୀପଡା ର ଛୋଟ ବଡ଼ ପୋଲ ଭାଙ୍ଗି ଯାଇଥିବା ବେଳେ ବୁଢାରାକାଡି ପୋଲୋ ସମ୍ପୂର୍ଣ ଧୋଇ ହୋଇଯାଇ ପୋଲା ହୋଇଯାଇଛି । ଏକ ବିପଦ ସଂକୁଳ ପରିସ୍ଥିତି ସୃଷ୍ଟି ହୋଇଛି ବାଇକ ଓ ସ୍କୁଟି କୁ ଛାଡି ଦେଲେ ବଡ଼ ଚାରିଚକିଆ ଜାନ ଯାତାୟାତ ଠପ ହୋଇଯାଇଛି । ଯାହା ଫଳରେ ଖଜୁରୀପଡା ଓ ଅରାପାଙ୍କୁ ଜିପି ମଧ୍ୟରେ ଯୋଗାଯୋଗ ଆଂଶିକ ବାଧାପ୍ରାପ୍ତ ହୋଇଛି ବୋଲି ବରିଷ୍ଠ ସାମ୍ବାଦିକ ଓ ନାଗରିକ ସୁନୀଲ ପଟ୍ଟନାୟକ ବିଶ୍ୱାଳ ପ୍ରକାଶ କରିଛନ୍ତି । ତୁରନ୍ତ ମରାମତି କରିବା ପାଇଁ ସଧାରଣ ରେ ଦାବୀ ହେଉଛି

ଇଲେକ୍ଟ୍ରୋ ହୋମିଓ ପକ୍ଷରୁ ଏସଡିସି ଚେୟାରମ୍ୟାନ ଡ:ବୁଢ଼ାନ ମୁର୍ମୁଙ୍କୁ ସମ୍ବର୍ଦ୍ଧନା

ଆଗାମୀ ରଥ ଯାତ୍ରା ଉପଲକ୍ଷେ ମାଗଣା ଚିକିତ୍ସା ଶିବିର ଆୟୋଜନ କରିବାକୁ ସିଦ୍ଧାନ୍ତ

ସାରସକଣା, ୯।୭ (ଆନିସ): ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ (ବମ୍ବେ ଛକ) ଠାରେ ଥିବା ପୁରୁଷୋତ୍ତମ ଇଲେକ୍ଟ୍ରୋ ହୋମିଓପାଥି ମେଡିକାଲ ଇନଷ୍ଟିଚ୍ୟୁଟ ଠାରେ ଇନଷ୍ଟିଚ୍ୟୁଟ ପକ୍ଷରୁ ଏସଡିସି ଚେୟାରମ୍ୟାନ ଡ : ବୁଢାନ ମୁର୍ମୁଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡ:ଚୂଡ଼ାମଣି ପାତ୍ରଙ୍କ ଦ୍ୱାରା ପରିଚାଳିତ ଉକ୍ତ କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋ ହମିଓ ପାଥି ପକ୍ଷରୁ ହେଉଥିବା ଦାତବ୍ୟ ଚିକିତ୍ସାଳୟର ସେବା ଓ ଆଗାମୀ ଦିନ ପାଇଁ ସେବା ଯୋଜନା ସମ୍ପର୍କରେ ପଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ସୂଚନା ମୁତାବକ ଉକ୍ତ ଦାତବ୍ୟ ଚିକିତ୍ସାଳୟରେ ଗତ ଛଅ ମାସ ମଧ୍ୟରେ ୨୧୦୦ ଜଣ ବିଭିନ୍ନ ପ୍ରକାର ରୋଗୀଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯାଇଥିବା ଉଲ୍ଲେଖ ରହିଅଛି। ଏହା ସହିତ ଆଗାମୀ ରଥ ଯାତ୍ରା ଉପଲକ୍ଷେ ଅନୁଷ୍ଠିତ ରଥ ଯାତ୍ରାରେ ଇଲେକ୍ଟ୍ରୋ ହୋମିଓ ପାଥି ସଂଘ, ମୟୂରଭଂଜ ପକ୍ଷରୁ ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ଶିର୍ଷା ରଥ ଯାତ୍ରା ରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବାର ସର୍ବସମ୍ମତି କ୍ରମେ ସିଦ୍ଧାନ୍ତ ନିଆଯାଇଛି । ଏହି କେନ୍ଦ୍ର ଗ୍ରାମାଞ୍ଚଳରେ ସୁଲଭ ମୂଲ୍ୟ ଏବଂ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ବକ୍ତା ମାନେ ମତ ପ୍ରକାଶ କରିଥିଲେ । ତେବେ ଏଲେକ୍ଟ୍ରୋ ହୋମିଓ ପାଥିର ଚିକିତ୍ସା ସେବାକୁ ପ୍ରଶଂସା କରିବା ସହ ଭବିଷ୍ୟତରେ ଏଭଳି ଜନହିତକର କାର୍ଯ୍ୟକ୍ରମ ଅଧିକରୁ ଅଧିକ ଭାବେ କରିବାକୁ ଝାରପୋଖରିଆର ଏସଡିସି ଚେୟାରମ୍ୟାନ ଶ୍ରୀ ମୁର୍ମୁ ଆହ୍ୱାନ ଦେଇଥିଲେ ।

ଅକାଳରେ ଲିଭିଗଲା ଜୀବନଦୀପ: ପରଲୋକରେ ପଦ୍ମିନୀ ପ୍ରଧାନ

ବରଗଡ଼, ୯।୭ (